# ଚର୍ଚ୍ଚାରେ ବିଧାୟକଙ୍କ ବ୍ୟାନ୍‌ର: ଭାଇନା ଆଉଟ୍; ମନ୍ତ୍ରୀ ଇନ୍

ବ୍ରହ୍ମପୁର,୧୮ ।୪(ସମିସ):







ଜଣେ ସାଂସଦଙ୍କ ଅଧିନରେ ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀ । ଏହି କ୍ରମରେ ବ୍ରହ୍ମପୁର ଲୋକସଭା ଆସନରେ ବ୍ରହ୍ମପୁର, ଛତ୍ରପୁର, ଚିକିଟି, ଗୋପାଳପୁର, ଦିଗପହଣ୍ଡି ସମେତ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ଓ ମୋହନା ଭଳି ଦୁଇଟି ବିଧାନସଭା ଅନ୍ତର୍ଭୁକ୍ତ । ୨୦୨୪ ସାଧାରଣ ନିର୍ବାଚନରେ ବ୍ରହ୍ମପୁର ଲୋକସଭା ଆସନ ବିଜେପି ହାତକୁ ଯାଇଥିବା ବେଳେ ଡକ୍ଟର ପ୍ରଦୀପ କୁମାର ପାଣିଗ୍ରାହୀ ସାଂସଦ ନିର୍ବାଚିତ ହୋଇଛନ୍ତି । ୭ଟି ବିଧାନସଭା ଆସନ ମଧ୍ୟରେ ୫ଟି ବିଜେପି ଓ ଗୋଟିଏ ବିଜେଡି ଓ କଂଗ୍ରେସ ଦଖଲରେ ରହିଛି । ବିଜେପିର ସାଂସଦ ଓ ୫ଜଣ ବିଧାୟକ ଥିବା ସତ୍ତ୍ୱେ ଏଠାରେ

- ● ଦାଣ୍ଡରେ ପଡ଼ି ହାଟରେ ଗଡୁଛି ସାଂସଦ ଓ ବିଧାୟକଙ୍କ କଳି
- ● ବିଧାୟକଙ୍କ ମହୋତ୍ସବକୁ ଗଲେନି ମନ୍ତ୍ରୀ, ମନ୍ତ୍ରୀଙ୍କ ମହୋତ୍ସବକୁ ଗଲେନି ସାଂସଦ ଓ ବିଧାୟକ
- ● ବ୍ୟାନର ଓ ପୋଷ୍ଟରରେ କାହାରିକୁ କେହି ଦେଉନାହାନ୍ତି ସ୍ଥାନ

କାହା ସହିତ କାହାର ସମନ୍ୱୟ ନରହିବା କଥା ଦାଣ୍ଡରେ ପଡ଼ି ହାଟରେ ଗଡୁଛି । ପରିସ୍ଥିତିରେ ପଡ଼ି ଯଦିଓ ନିର୍ବାଚନ ସମୟରେ ସମସ୍ତେ ଏକାଠି ହେବାକୁ ବାଧ୍ୟ ହୋଇଥିଲେ ତେବେ ନିର୍ବାଚନ ପରେ ପ୍ରାୟତଃ କାହା ଅଧିନରେ କେହି ରହିବାକୁ ପ୍ରସ୍ତୁତ ନୁହାନ୍ତି । ଦଳୀୟ ଶୃଙ୍ଖଳା ଦୂରର କଥା ସାମାଜିକ ଗଣମାଧ୍ୟମରେ ପରସ୍ପର ବିରୋଧୀ ମନ୍ତବ୍ୟ ଦେବାକୁ ମଧ୍ୟ କେହି ପଛାଉ ନାହାନ୍ତି । ଦଳୀୟ ବିଧାୟକ ଓ ସାଂସଦଙ୍କ ମଧ୍ୟରେ କି ପ୍ରକାର ସମ୍ପର୍କ ଓ ସମନ୍ୱୟ ରହିଛି ତାହା ନିକଟରେ ଜିଲ୍ଲାରେ ଅନୁଷ୍ଠିତ ୩ଟି ମେଗା ମହୋତ୍ସବରୁ ସ୍ପଷ୍ଟ ।

ଖଣି, ଇସ୍ପାତ ଓ ପରିବହନ ମନ୍ତ୍ରୀ ତଥା ଗୋପାଳପୁର ବିଧାୟକ ବିଭୂତି ଭୂଷଣ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଗୋପାଳପୁର ବେଳାଭୂମି ମହୋତ୍ସବ ଜାନୁଆରୀ ୨୭ରୁ ୩୦ ପର୍ଯ୍ୟନ୍ତ ହୋଇଥିବାବେଳେ ସାଂସଦ କିମ୍ବା ବ୍ରହ୍ମପୁର ବିଧାୟକଙ୍କ ଦେଖା ମିଳିନଥିଲା । ଯଦିଓ ଏହି ମହୋତ୍ସବକୁ ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସିଥିଲେ ।

ସେହିଭଳି ଗତ ଫେବୃଆରୀ ୩ରୁ ୫ ପର୍ଯ୍ୟନ୍ତ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ସଂଯୋଜନାରେ ସୁନାପୁର ବ୍ଲୁ-ଫ୍ଲାଗ୍ ବିଚରେ ଅନୁଷ୍ଠିତ ମହୋତ୍ସବରେ ମଧ୍ୟ ମନ୍ତ୍ରୀ କିମ୍ବା ସାଂସଦଙ୍କ ଦେଖା ମିଳିନଥିଲା । ପରେ ଗତ ୬ରୁ ୧୨ ତାରିଖ ଏକ ସପ୍ତାହ ବ୍ୟାପୀ ସିଲ୍‌କ ସିଟି ମହୋତ୍ସବ, ସୁଭଦ୍ରା ଶକ୍ତି ମେଳା, ସ୍ୱଦେଶୀ ମେଳା, କୃଷି ଯନ୍ତ୍ରପାତି ମେଳା ଓ ପଲ୍ଲୀଶ୍ରୀ ମେଳାରେ ମଧ୍ୟ ଉଭୟ ସ୍ଥାନୀୟ ସାଂସଦ କିମ୍ବା ଖଣି ମନ୍ତ୍ରୀଙ୍କ ଅନୁପସ୍ଥିତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି । ଏହା ଜିଲ୍ଲାର ବିଧାୟକ ଓ ସାଂସଦଙ୍କ ମଧ୍ୟରେ ଥିବା ଫାଟ ସମ୍ପର୍କରେ ସ୍ପଷ୍ଟ ସୂଚନା ଦେଉଛି ।

ସେହିଭଳି ବିଭିନ୍ନ ଅବସରରେ ବିଧାୟକମାନଙ୍କ ଦ୍ୱାରା ସହରରେ ଲଗାଯାଉଥିବା ପୋଷ୍ଟର ଓ ଫ୍ଲେକ୍ସରୁ ମଧ୍ୟ ସେମାନଙ୍କ ମଧ୍ୟରେ ଥିବା ତିକ୍ତତା, ମନାନ୍ତର ପଦାରେ ପଡ଼ିସାରିଛି । ନିକଟରେ ସ୍ଥାନୀୟ ହିଲ୍‌ପାଟଣା ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଖଣି ତଥା ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଭାଷଣ ଦେବା ଆରମ୍ଭ କରିବା ପରେ ସଭାସ୍ଥଳରୁ ଉଭୟ ବ୍ରହ୍ମପୁର ଓ ଚିକିଟି ବିଧାୟକ ଉଠି ଚାଲିଯିବା ଘଟଣା କାହାକୁ ଅଛପା ନାହିଁ । ସେହିଭଳି ସମସ୍ତ ବିଧାୟକ ନିଜ ନିଜ ଅଞ୍ଚଳରେ ଲଗାଉଥିବା ପୋଷ୍ଟର ଓ ଫ୍ଲେକ୍ସରେ ସାଂସଦଙ୍କ ଫଟୋକୁ ନରଖିବା ଆଉ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସାଂସଦ ଡକ୍ଟର ପ୍ରଦୀପ ପାଣିଗ୍ରାହୀ ଅଞ୍ଚଳରେ ଥାଇ ସୁଦ୍ଧା କୌଣସି କାର୍ଯ୍ୟକ୍ରମରେ ଯୋଗ ନଦେବା ବିଧାୟକମାନଙ୍କ ସମ୍ମାନରେ ଆଞ୍ଚ ଆଣିଛି । ଠିକ ସେହିଭଳି ମନ୍ତ୍ରୀ ଓ ବିଧାୟକମାନଙ୍କ ମଧ୍ୟରେ ମଧ୍ୟ କୌଣସି ସୁସମ୍ପର୍କ ଥିବା ଭଳି ମନେ ହେଉନାହିଁ । ଖଣି ମନ୍ତ୍ରୀଙ୍କ ଫ୍ଲେକ୍ସ ଯଦିଓ ସହରର ବିଭିନ୍ନ ସ୍ଥାନରେ ଲଗାଯାଉଛି ସେଥିରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର କିମ୍ବା ସାଂସଦଙ୍କ ଫଟୋ ନଥିବା ଦେଖିବାକୁ ମିଳିଛି । ଅନୁରୁପ ଭାବେ ଗତ ମକର ସଂକ୍ରାନ୍ତି ଅବସରରେ ମଧ୍ୟ ସହରରେ ବିଧାୟକ କେ. ଅନୀଲ କୁମାରଙ୍କ ପକ୍ଷରୁ ଲାଗିଥିବା ପୋଷ୍ଟରରେ ସାଂସଦ ପ୍ରଦୀପ ପାଣିଗ୍ରାହୀଙ୍କର ଫଟୋ ଦେଖିବାକୁ ମିଳି ନଥିଲା । ଏଭଳି ସ୍ଥିତିରେ ବର୍ତ୍ତମାନ ଗୋପାଳପୁର ଛକ ଯାହା ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧିନରେ ଆସୁନାହିଁ ସେଠାରେ ଲାଗିଥିବା ଏକ ଫ୍ଲେକ୍ସକୁ ନେଇ ସହରରେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି । ଉକ୍ତ ଫ୍ଲେକ୍ସରେ ଓଡିଆ ନବବର୍ଷ ପାଇଁ ଶୁଭେଚ୍ଛା ଜ୍ଞାପନ କରାଯାଇଥିବା ବେଳେ ଉପର ଭାଗରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଫଟୋ ରହିଛି । ତେବେ ମଧ୍ୟ ଭାଗରେ ଖଣିମନ୍ତ୍ରୀ ତଥା ଗୋପାଳପୁର ବିଧାୟକ ବିଭୂତି ଭୂଷଣ ଜେନାଙ୍କ ସମେତ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାରଙ୍କ ଫଟୋ ରହିଥିବା ଦେଖିବାକୁ ମିଳିଛି । ଯାହା ପୂର୍ବରୁ କୌଣସି କାର୍ଯ୍ୟକ୍ରମରେ ଉଭୟଙ୍କ ଫଟୋ ଏକତ୍ର ଦେଖିବାକୁ ମିଳିନଥିଲା । ତେବେ ଏହି ଫ୍ଲେକ୍ସ କିଏ ଲଗାଇଛି ତାକୁ ନେଇ ବର୍ତ୍ତମାନ ଉଠିଛି ପ୍ରଶ୍ନ । ବ୍ରହ୍ମପୁର ବିଧାୟକଙ୍କ ଏରିଆ ବାହାରେ ତାଙ୍କର ଫଟୋ ପୁଣି ମନ୍ତ୍ରୀଙ୍କ ସହ ଯୋଡ଼ିବା ଅର୍ଥ କଣ । ଏହା ପଛରେ କାହାକୁ ଅପଦସ୍ତ କରି ଅନ୍ୟକୁ ଉସୁକାଇବା ଉଦ୍ଦେଶ୍ୟ ନୁହେଁ ତ ବୋଲି ଚର୍ଚ୍ଚା ଜୋର ଧରିଛି । କାରଣ ପୂର୍ବରୁ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ସାଂସଦ ଡକ୍ଟର ପ୍ରଦୀପ ପାଣିଗ୍ରାହୀଙ୍କ ନିକଟତମ ବୋଲି କୁହାଯାଉଥିଲା । କିନ୍ତୁ ବିଧାୟକଙ୍କ ଦ୍ୱାରା ଆୟୋଜିତ ସିଲ୍‌କ ସିଟି ମହୋତ୍ସବରେ ମଧ୍ୟ ସାଂସଦ ପାଣିଗ୍ରାହୀଙ୍କର ଦେଖା ମିଳିଲାନାହିଁ । ମନ୍ତ୍ରୀଙ୍କ ସହ ମଧ୍ୟ ନିକଟରେ ଡୁଡୁମା କଲୋନୀ ଅସ୍ଥାୟୀ ବସଷ୍ଟାଣ୍ଡ ଉଦ୍‌ଘାଟନ ସମୟରେ ବିଧାୟକ ଓ ମନ୍ତ୍ରୀଙ୍କ ମଧ୍ୟରେ ହୋଇଥିବା ତୁ ତୁ ମେଁ ମେଁ କାହାକୁ ଅଛପା ନାହିଁ । ହେଲେ ବର୍ତ୍ତମାନ ପରିସ୍ଥିତିରେ ମନ୍ତ୍ରୀ ଓ ସାଂସଦଙ୍କ ମଧ୍ୟରେ ଥିବା ଗୋଳିଆ ପାଣିରୁ ଫାଇଦା ଉଠାଇବାକୁ ମନ୍ତ୍ରୀ ଓ ବ୍ରହ୍ମପୁର ବିଧାୟକଙ୍କ ଫଟୋକୁ ଏକାଠି ରଖି ପୋଷ୍ଟର ମାରିବା କୌଣସି କୁଚକ୍ରି ଗୋଷ୍ଠୀଙ୍କ ଚକ୍ରାନ୍ତ ନୁହେଁ ତ ବୋଲି ମଧ୍ୟ ଆଲୋଚନା ହେଉଛି ।

## ଦିଗପହଣ୍ଡି ବିଜେଡି ପକ୍ଷରୁ ବିଜୁବାବୁଙ୍କ ତିରୋଧାନ ଦିବସ

ଦିଗପହଣ୍ଡି,୧୮।୪(ସମିସ): ଦିଗପହଣ୍ଡି ବିଜୁ ଜନତା ଦଳ ପକ୍ଷରୁ ସ୍ଥାନୀୟ ପୁଞ୍ଜିକୟାଁ ଛକସ୍ଥିତ କବିସୂର୍ଯ୍ୟ ବଳଦେବ ରଥ କଲ୍ୟାଣ ମଣ୍ଡପ ପରିସରରେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୯ ତମ ତିରୋଧାନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ବ୍ଲକ ବିଜେଡି ସଭାପତି କେ. ତାରେକେଶ୍ୱର ଦୋରା ଏବଂ ନଗର ବିଜେଡି ସଭାପତି ତାରାପ୍ରସାଦ ପଟ୍ଟନାୟକଙ୍କ ମିଳିତ ସଭାପତିତ୍ୱରେ ଆୟୋଜିତ ସଭାରେ ସି ଏଚ୍ ସିମାଦ୍ରୀ ଓ ଗଣେଶ ରେଡ୍ଡୀଙ୍କ ସଂଯୋଜନାରେ



ଦଳୀୟ କର୍ମୀମାନେ ଏକତ୍ରିତ ହୋଇ ପ୍ରଥମେ ପୁଞ୍ଜିକୟାଁ ଛକଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହାପରେ ଆୟୋଜିତ ସଭାରେ ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ହୃଦୟ ରଞ୍ଜନ ମେକାପ, ଭି.ରବିନାରାୟଣ ରାଜୁ, ଯୁବ ବିଜେଡ଼ିର ପୂର୍ବତନ ଜିଲ୍ଲା ସଭାପତି ଭବାନୀକାନ୍ତ ସାହୁ , ପୂର୍ବତନ କାଉନ୍‌ସିଲର ନିରୂପମା ପଟ୍ଟନାୟକ, ବିଜେଡି ବ୍ଲକ ମହିଳା ସଭାନେତ୍ରୀ ଉମା ମହେଶ୍ୱରୀ ସେଠୀ, ନଗର ସଭାନେତ୍ରୀ ଅନୀତା ବେହେରା, କାଉନସିଲର ନୀଳମାଧବ ଗୌଡ଼, ସୁଶାନ୍ତ କୁମାର ପାତ୍ର, ଜ୍ୟୋସ୍ନା ଜେନା, ପ୍ରହଲ୍ଲାଦ ଭୂୟାଁ, ପୂର୍ବତନ କାଉନସିଲର ମାଗୀ ସେଠୀ, ଜଗନ୍ନାଥ ପ୍ରଧାନ, ବିକାଶ ମଣ୍ଡଳ, ଜିଲ୍ଲା ପରିଷଦ ସଦସ୍ୟ ରାଧାକାନ୍ତ ମହାଙ୍କୁଡ, ନୀଳକଣ୍ଠ ପଟ୍ଟନାୟକ, ବିପ୍ଳବ ମିଶ୍ର, ପିଙ୍କୁ ଘଡେଇ, ଶୁଭଲକ୍ଷ୍ମୀ ପଟ୍ଟନାୟକ, ମନୋଜ ପଟ୍ଟନାୟକ, ନିଗମ ପଣ୍ଡା, ରମେଶ ପାତ୍ର, ରମେଶ ଚନ୍ଦ୍ର ଜେନା, ପ୍ରଶାନ୍ତ ପାଣିଗ୍ରାହୀଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ରହି ବିଜୁବାବୁଙ୍କ ସ୍ମୃତି ଚାରଣ କରିଥିଲେ ।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ଖଲ୍ଲିକୋଟ,୧୮ ।୪(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ବଧିନୂଆଁପଲ୍ଲୀ ଗ୍ରାମ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ବାଇକ୍ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ତେନ୍ତୁଳିଆପଡା ଗ୍ରାମର ପବିତ୍ର ଜାଲିଙ୍କ ପୁଅ ଦୀପୁନ ଜାଲି ଓରଫ କାଲୁ (୨୨) । ଦୀପୁନ ଶୁକ୍ରବାର ବିଳମ୍ବିତ ରାତିରେ ବାଇକ୍ ଯୋଗେ ବଧିନୂଆପଲ୍ଲୀରୁ ନିଜ ଗ୍ରାମ ତେନ୍ତୁଳିଆପଡ଼ାକୁ ଫେରୁଥିବା ବେଳେ ବଧିନୁଆଁପଲ୍ଲୀ-କୈରାଶି ରାସ୍ତାରେ ବାଇକ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଦୀପୁନ ବାଇକ୍ ସହ ରାସ୍ତା କଡ଼ରେ ଥିବା ବିଲ ଭିତରେ ପଡ଼ିଯାଇଥିଲେ । ସେହି ସ୍ଥାନଟି ଅନ୍ଧାରୁଆ ହୋଇଥିବାରୁ କେହି ଦେଖି ପାରିନଥିଲେ । ରାତିସାରା ସେ ସେଠାରେ ପଡ଼ି ରହିଥିଲେ । ଶନିବାର ସକାଳୁ ସେହି ରାସ୍ତାଦେଇ ଯାଉଥିବା କିଛି ଲୋକ ଦେଖି ପୁଲିସକୁ ଖବର ଦେଇଥିଲେ । ଖଲ୍ଲିକୋଟ ଥାନା ଏସ୍‌ଆଇ ମାନସୀ ସାହୁ ପୁଲିସ ଟିମ୍ ସହ ଦୁର୍ଘଟଣାସ୍ଥଳରୁ ଦୀପୁନକୁ ଉଦ୍ଧାର କରି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ଘଟଣାର ତଦନ୍ତ ଚଳାଇଛି ।

## 'ମାନବୀୟ ମୂଲ୍ୟବୋଧରେ ଶିକ୍ଷାର୍ଥୀର ଭୂମିକା' ଆଲୋଚନାଚକ୍ର

ଟିକାବାଲି,୧୮।୪(ସମିସ): ଟିକାବାଲିସ୍ଥିତ ଏଏମସିଏସ ମହାବିଦ୍ୟାଳୟରେ 'ମାନବୀୟ ମୂଲ୍ୟବୋଧରେ ଶିକ୍ଷାର୍ଥୀର ଭୂମିକା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମ୍ପ୍ରତିକ ସମାଜରେ ନୈତିକତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଭୁବନେଶ୍ୱର ଉତ୍କଳ ମହିଳା ଆର୍ଯ୍ୟ



ସମାଜର ସମ୍ପାଦିକା ଗୀତାରାଣୀ ପୁରୀ ଏବଂ ସୁଚିତ୍ରା ମହାରଣା ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ମାନବୀୟ ମୂଲ୍ୟବୋଧର ଅବକ୍ଷୟ ଆଜିର ଛାତ୍ର ସମାଜକୁ କିପରି ପ୍ରଭାବିତ କରୁଛି କହିଥିଲେ । ସମ୍ମାନିତ ଅତିଥି ଭାବେ ରାଜନୀତି ବିଜ୍ଞାନ ଅଧ୍ୟାପକ ବନମାଳୀ ବେହେରା, ଅଧ୍ୟାପକ ରତନ ଦିଗାଲ ଓ ଅଧ୍ୟାପିକା ସଂଘମିତ୍ରା ଦାସ ମଞ୍ଚାସୀନ ଥିବାବେଳେ ଲତାଞ୍ଜଳି ମହାନ୍ତି ଅତିଥି ପରିଚୟ ଓ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିଲେ । ଏହି ପ୍ରସଙ୍ଗରେ ଆୟୋଜିତ ଆଲୋଚନା ପ୍ରତିଯୋଗିତାରେ ପିଜି ଛାତ୍ର ବଳରାମ ବେହେରା ପ୍ରଥମ, ସ୍ନାତକ ଛାତ୍ର ବାଜପେୟୀ ପ୍ରଧାନ ଦ୍ୱିତୀୟ ଏବଂ ଯୁକ୍ତ ଦୁଇ ଛାତ୍ରୀ ମୌସୁମୀ ଆଚାର୍ଯ୍ୟ ତୃତୀୟ ସ୍ଥାନ ଅଧିକାର କରି ଅତିଥିଙ୍କଠାରୁ ଟ୍ରଫି ଓ ମାନପତ୍ର ଗ୍ରହଣ କରିଥିଲେ । ଶେଷରେ ଅଧ୍ୟାପିକା ନମିତା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

## ଠାକୁରାଣୀ ଯାତ୍ରା ପୂର୍ବରୁ ଜବରଦଖଲ ଉଚ୍ଛେଦ

ଭଞ୍ଜନଗର,୧୮।୪(ସମିସ): ଆସନ୍ତା ୨୬ ତାରିଖରୁ ଭଞ୍ଜନଗର ସହରର ଐତିହାସିକ ଠାକୁରାଣୀ ଯାତ୍ରା ଆରମ୍ଭ ହେଉଛି । ଆଉ ଯାତ୍ରା ସମୟରେ ସହରରେ ଟ୍ରାଫିକ ନିୟନ୍ତ୍ରଣ କରିବା ପୁଲିସ ପ୍ରଶାସନ ପାଇଁ ଏକ ପ୍ରକାର ଆହ୍ୱାନ ପାଲଟିଛି । ଏଣୁ ଏହି ସମୟରେ ସହରର ପ୍ରମୁଖ ରାସ୍ତାଘାଟକୁ ଜବରଦଖଲ ମୁକ୍ତ କରିବାକୁ ଶନିବାର ସ୍ଥାନୀୟ ପ୍ରଶାସନ, ପୁଲିସ ଓ ମ୍ୟୁନିସିପାଲିଟି ପକ୍ଷରୁ ମିଳିତ ପଦକ୍ଷେପ ନିଆଯାଇଛି । ସେହିପରି ହୋଟେଲ ଗୁଡିକରେ ଯେପରି ବାସି ଖାଦ୍ୟ ବଦଳରେ ଭଲ ଖାଦ୍ୟ ମିଳିବ ସେଥିପାଇଁ ମଧ୍ୟ ଏହି ସମୟରେ ବିଭିନ୍ନ ହୋଟେଲ ଓ କୋଲ୍ଡ ପାର୍ଲର ଉପରେ ଚଢ଼ଉ କରାଯାଇଛି । କିଛି ହୋଟେଲରୁ ବିପୁଳ ପରିମାଣର ବାସି ଖାଦ୍ୟ ଫ୍ରିଜ୍‌ରେ ଥିବା ଦେଖିବାକୁ ମିଳିଥିଲା । ଏସବୁ ଖାଦ୍ୟ ପଦାର୍ଥକୁ ମ୍ୟୁନିସିପାଲିଟି ପକ୍ଷରୁ ନଷ୍ଟ କରାଯାଇଛି । ସେହିପରି ପଲିଥିନ ବ୍ୟବହାର ଉପରେ ମଧ୍ୟ କଟକଣା ଲଗାଯାଇଛି । ମୋଟାମୋଟି ଭାବେ ଯାତ୍ରା ସମୟରେ ସହରକୁ ସବୁ ଦୃଷ୍ଟିରୁ ଶୃଙ୍ଖଳିତ କରିବାକୁ ସ୍ଥାନୀୟ ପ୍ରଶାସନ, ପୁଲିସ, ମ୍ୟୁନିସିପାଲିଟି ପକ୍ଷରୁ ମିଳିତ ଭାବେ ଶନିବାର ଚଢ଼ଉ କରାଯାଇଥିଲା ।



## ବାର୍‌ହା ଆକ୍ରମଣରେ ଜଣେ ଗୁରୁତର

ପାରଳାଖେମୁଣ୍ଡି,୧୮।୪(ସମିସ): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ତରଙ୍ଗଡା ପଞ୍ଚାୟତ ଦେବଗିରି ରେଞ୍ଜ୍ ଅନ୍ତର୍ଗତ ତାମସିଂ ଗ୍ରାମରେ ବାର୍‌ହା ଆକ୍ରମଣରେ ଜଣେ ଗୁରୁତର ଆହତ ହୋଇଛନ୍ତି । ଆହାତ ଯୁବକ ହେଲେ ଜୈରାସ ରଇତ (୨୮) । ସକାଳୁ ସେ ଘରୁ ବାହାରକୁ ଯିବାବେଳେ ହଠାତ ବାର୍‌ହା ଆକ୍ରମଣ କରିଥିଲା । ତାଙ୍କୁ ତୁରନ୍ତ ପରିବାର ଲୋକେ ଓ ଗ୍ରାମବାସୀ ଚିକିତ୍ସା ପାଇଁ ପାରଳାଖେମୁଣ୍ଡି ସ୍ଥିତ



ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ତେବେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି । ଏନେଇ ଦେବଗିରି ରେଞ୍ଜରଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କଲେ ମଧ୍ୟ ଫୋନ୍ ନ ଉଠାଇବାରୁ ବାର୍‌ହା ଆକ୍ରମଣ ଖବର ବିଭାଗ ନିକଟରେ ରହିଛି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ ।

● ଟଙ୍କା ସହ ଅଳଙ୍କାର ଚୋରି

## ୪ ମାସ ପରେ ଅଭିଯୁକ୍ତ ଗିରଫ



ଦିଗପହଣ୍ଡି,୧୮ ।୪(ସମିସ): ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ପଞ୍ଚାୟତ ଚୈତନ୍ୟପୁର ଗ୍ରାମର ଏନ୍. ରାଜିୟା ରେଡ୍ଡୀଙ୍କ ଘରେ ପଶି ନଗଦ ୬୦ ହଜାର ଟଙ୍କା, ୩୦ଟି ଲୁଗା, ମୋବାଇଲ ଫୋନ ଏବଂ ସୁନା ଅଳଙ୍କାର ଚୋରି ଘଟଣାରେ ସମ୍ପୃକ୍ତ ଅଭିଯୋଗରେ ପୁଲିସ ଶନିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି । ସେ ହେଲେ ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ଶ୍ରଦ୍ଧାପୁର ଗ୍ରାମର ଟି. ଚନ୍ଦ୍ର(୩୬) । ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି । ୨୦୨୫ ଡିସେମ୍ବର ୧୮ ରାତିରେ ଏନ୍.ରାଜିୟା ଏବଂ ପରିବାର ଲୋକେ ଖାଇସାରି ଶୋଇଥିବା ବେଳେ ଦୁର୍ବୃତ୍ତମାନେ ଘରେ ପଶି ଲୁହା ପେଡ଼ି ଭାଙ୍ଗି ଚୋରି କରିଥିଲେ । ଘଟଣାର ପରଦିନ ଏନ୍.ରାଜିୟା ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ । ତଦନ୍ତକାରୀ ଅଧିକାରୀ ଚୋରି ମୋବାଇଲକୁ ଟ୍ରାକିଂ କରି ଅଭିଯୁକ୍ତଙ୍କ ଘରେ ଚଢ଼ଉ କରି ତାଙ୍କୁ ଥାନାକୁ ଉଠାଇ ଆଣିଥିଲେ । ପଚରାଉଚରା ପରେ ଘଟଣାଦିନ ରାତିରେ ସେ ଏବଂ ତାଙ୍କ ସମ୍ପର୍କୀୟ ଭାଇ ଟି.ସିଦ୍ଧାନ୍ତ ଏନ୍. ରାଜିୟାଙ୍କ ଘରେ ପଶି ଚୋରି କରିଥିବା ସ୍ୱୀକାର କରିଥିଲେ । ସିଦ୍ଧାନ୍ତ ଫେରାର ଥିବାବେଳେ ସେ ସବୁ ଚୋରି ସାମଗ୍ରୀ ନେଇଯାଇଥିବା ଗିରଫ ଅଭିଯୁକ୍ତ ଟି.ଚନ୍ଦ୍ର ପୁଲିସକୁ କହିଛନ୍ତି ।

## ଜନଗଣନା କାର୍ଯ୍ୟରେ ଉପଜିଲ୍ଲାପାଳ ସାମିଲ



ଧରାକୋଟ,୧୮ ।୪(ସମିସ): ଧରାକୋଟ ବ୍ଲକର ବରଡାବିଲି, ହରିପୁର ଓ ଦଶମାଇଲିରେ ଭଞ୍ଜନଗର ଉପ ଜିଲ୍ଲାପାଳ ତଥା ତଦରଖ ଅଧିକାରୀ ଉମାଶଙ୍କର ବେହେରା ପହଞ୍ଚି ଜନଗଣନା କାର୍ଯ୍ୟର ସମୀକ୍ଷା କରିବା ସହ ନିଜେ ଘର ଆଗରେ ନମ୍ବରିଙ୍ଗ କରି ଚାର୍ଜ ଅଫିସର ଲମ୍ବୋଦର ମାରାଣ୍ଡି, ଅତିରିକ୍ତ ଚାର୍ଜ ଅଫିସର ଗଣେଶ ଦଳାଇ, ସୁପରଭାଇଜର ବିରୂପାକ୍ଷ ପରିଡ଼ା, ସନ୍ତୋଷ କୁମାର ପାତ୍ର, ଗଣନାକାରି ସୁନୀତା ସେଠୀ, ପବିତ୍ର ସ୍ୱାଇଁ, ଗୀତାଞ୍ଜଳୀ ବେହେରା, ଅନିଲ ବାଗ ଓ ଶରତ ଚନ୍ଦ୍ର ବିଶ୍ୱାଳଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଉପଜିଲ୍ଲାପାଳ ଲୋକଙ୍କୁ ନିଜ ନିଜର ସଠିକ ତଥ୍ୟ ଦେଇ ଜନ ଗଣନାରେ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ । ଅନ୍ୟ ପକ୍ଷରେ ଉପସ୍ଥିତ ସୁପରଭାଇଜର ଓ ଜନଗଣନାକାରିଙ୍କୁ ସଠିକ ଗଣନା ପାଇଁ ପରାମର୍ଶ ଦେଇଥିଲେ ।

## ଜିଲ୍ଲାରେ ନବକଳେବର ହେବ ଶିକ୍ଷା; ସ୍ୱାସ୍ଥ୍ୟ ଓ ପାନୀୟ ବ୍ୟବସ୍ଥା

ଛତ୍ରପୁର,୧୮ ।୪(ସମିସ): ଗଞ୍ଜାମ ଜିଲ୍ଲାରେ ସାମାଜିକ ଭିତ୍ତିଭୂମିର ଉନ୍ନତି ପାଇଁ ସରକାରୀ ସ୍ତରରେ ବିଭିନ୍ନ ଯୋଜନାକୁ ତ୍ୱରାନ୍ୱିତ କରାଯାଉଛି । ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ପାନୀୟ ଜଳ ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଆଣିବା ପାଇଁ ନବକଳେବର ସଦୃଶ ପଦକ୍ଷେପ ନିଆଯାଉଛି । ଏହାଦ୍ୱାରା ଜିଲ୍ଲାର ଏହି ତିନି ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ସହ ଏକ



ନୂଆ ରୂପରେ କାର୍ଯ୍ୟକ୍ଷମ ହେବ । ଏନେଇ ଶନିବାର ଗଞ୍ଜାମ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଖଣି, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୁଷଣ ଜେନାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାକୁ ସବୁ କ୍ଷେତ୍ରରେ ରାଜ୍ୟରେ ଶ୍ରେଷ୍ଠ ଜିଲ୍ଲା ଭାବେ ପରିଗଣିତ କରିବା ନିମନ୍ତେ ଏକ ପ୍ରୟାସ ଆରମ୍ଭ କରାଯାଉଛି ବୋଲି ମନ୍ତ୍ରୀ କହିଥିଲେ । ଆଗାମୀ ଦିନରେ ଶିକ୍ଷାର ଏକ ନୂଆ ବ୍ୟବସ୍ଥା ଆରମ୍ଭ ହେବ । ହ୍ୟାଣ୍ଡ ହୋଲିଡିଂ ଓ ଜାତୀୟ ଶିକ୍ଷାନୀତି ପଦ୍ଧତିରେ ଶିକ୍ଷା ବ୍ୟବସ୍ଥା । କଲେଜ ପ୍ରିନ୍ସପାଲ ଏବେ କିଛି ସ୍କୁଲର ଦାୟିତ୍ୱ ନେବେ । ସେଠାରେ ଶିକ୍ଷା ବ୍ୟବସ୍ଥା ଏବଂ ମାର୍ଗଦର୍ଶନ ପ୍ରଦାନ କରିବେ । ଯଦ୍ୱାରା ଶିକ୍ଷାର ସୁବ୍ୟବସ୍ଥା ହେବ । ବଡ଼ ଶିକ୍ଷାନୁଷ୍ଠାନ ଛୋଟ ଶିକ୍ଷାନୁଷ୍ଠାନ ପ୍ରତି ଉତ୍ତରଦାୟିତ୍ୱ ଓ ମାର୍ଗଦର୍ଶନ ସାଜିବେ । ଡ୍ରପଆଉଟ ହ୍ରାସ ହେବ, ପ୍ରତ୍ୟେକ ବିଦ୍ୟାଳୟ ଡିଜିଟାଲ ହେବ । ଶିକ୍ଷକ ଓ ଛାତ୍ର ମାନଙ୍କୁ ଆରଏଫଆଇଡି ପରିଚୟ ପତ୍ର ପ୍ରଦାନ କରାଯିବ, ସିସିଟିଭି କ୍ୟାମେରା ଲାଗିବ । କିଏ ଆସୁଛି କିଏ ଆସୁନି ଏହାଦ୍ୱାରା ସମସ୍ତ ତଥ୍ୟ ମିଳିପାରିବ । ଜିଲ୍ଲାରେ ମାଧ୍ୟମିକ ସ୍ତରରେ ୧୩ରୁ ୧୫ ପ୍ରତିଶତ ରହିଛି ଡ୍ରପଆଉଟ ହାର, ୩୦ ପ୍ରତିଶତ ଶିକ୍ଷକ ପଦବୀ ଖାଲି ରହିଥିବା ବୈଠକରେ କୁହାଯାଇଛି । ସେହିପରି ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ଗୋ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆମ୍ବୁଲାନ୍ସ ବ୍ୟବସ୍ଥା, ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ସିସିଟିଭି କ୍ୟାମେରା, ସମସ୍ତଙ୍କୁ ଆରଏଫଆଇଡି ପରିଚୟ ପତ୍ର ପ୍ରଦାନ, ପିଏଚସିରେ ଇସିଜି, ବ୍ଲଡ ଟେଷ୍ଟ ବ୍ୟବସ୍ଥା ରହିବ । ସେହିପରି ପାନୀୟ ଜଳ ବ୍ୟବସ୍ଥାରେ ମଧ୍ୟ ସୁଧାର ଆସିବା ପାଇଁ ଆଲୋଚନା ହୋଇଥିଲା । ଜିଲାରେ ୩୦ଟି ସ୍ଥାନରେ ପାଣି ପାଇଁ କିଡ୍‌ନୀ ରୋଗ ବ୍ୟାପୁଥିବା କୁହାଯାଇଛି । କାଳିପଲ୍ଲୀ, ହରିପୁର ଆଦି ସ୍ଥାନରେ ଏପରି ଦେଖାଦେଉଛି । ସେଠାରେ ଆର୍‌ଓ ପ୍ଲାଟ ଏବଂ ୱାଟର ଏଟିଏମ ଲଗାଯିବ । ଆସନ୍ତା ୧୦ ତାରିଖ ମଧ୍ୟରେ ଲଗାଯିବ । ଯେଉଁଠି ପାଣି ସମସ୍ୟା ରହିଛି ତୁରନ୍ତ ବିକଳ୍ପ ବ୍ୟବସ୍ଥା କରିବାକୁ କୁହାଯାଇଛି । ଏନେଇ ୭ ଦିନ ମଧ୍ୟରେ ଏକ ଆକ୍ସନ ପ୍ଲାନ ପ୍ରଦାନ କରିବାକୁ ଜିଲାପାଳ ଭି. କୀର୍ତ୍ତି ଭାସନ ନିର୍ଦ୍ଦେଶ ଦେଇଛନ୍ତି । ଯେଉଁମାନେ ଭଲ କାମ କରିବେ ମହୋତ୍ସବରେ ସେମାନଙ୍କୁ ପୁରସ୍କୃତ କରାଯିବ । ଏହି ସବୁକୁ ପ୍ରଶାସନିକ ଅଧିକାରୀ ମନିଟରିଙ୍ଗ କରିବେ । ଚଳିତ ମାସ ଶେଷ ସପ୍ତାହରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ନେଇ ଏକ କନ୍‌କ୍ଲେଭ କରାଯିବ । ସେଠାରେ ଜିଲ୍ଲାର ସମସ୍ତ ବିଧାୟକ, ମନ୍ତ୍ରୀ, ସାଂସଦ, ସ୍ୱାସ୍ଥ୍ୟ ବିଭାଗ ରହିବେ । ସେହିପରି ଶିକ୍ଷା ଓ ପାନୀୟ ବ୍ୟବସ୍ଥାକୁ ନେଇ ମେ' ପ୍ରଥମ ସପ୍ତାହରେ କନ୍‌କ୍ଲେଲ କରାଯିବ । ବୈଠରେ ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭିସି, ଆଇଜର ଡିନ, ଜିଲ୍ଲା ଶିକ୍ଷାଧିକାରୀ ଅଜୟ ପାତ୍ର, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ପ୍ରମୁଖ ଉପସ୍ଥିତ ଥିଲେ ।

## ଟ୍ରେନ୍ ଭିତରୁ ୫୦ ଶିଶୁ ଉଦ୍ଧାର

ବ୍ରହ୍ମପୁର,୧୮।୪(ସମିସ): ଟ୍ରେନରେ ପଶ୍ଚିମବଙ୍ଗରୁ ଆନ୍ଧ୍ରପ୍ରଦେଶ ଯାଉଥିବା ୫୦ ଜଣ ଶିଶୁଙ୍କୁ ବ୍ରହ୍ମପୁର ରେଲଷ୍ଟେସନ ଠାରେ ଉଦ୍ଧାର କରାଯାଇଛି । ରେଳ ସୁରକ୍ଷା ବଳ ଏବଂ ରେଲୱେ ଶିଶୁ ହେଲ୍ପ ଡେସ୍କ ମିଳିତ ସହଯୋଗରେ ଏହି ଶିଶୁଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଶିଶୁଙ୍କ ମଧ୍ୟରେ ଏକାଧିକ ସଂଖ୍ୟାଲଘୁ ସମ୍ପ୍ରଦାୟର ଶିଶୁ ରହିଛନ୍ତି । ଏହି ଶିଶୁଙ୍କ ବୟସ ୧୦ରୁ ୧୫ ବର୍ଷ ମଧ୍ୟରେ ହେବ । ଆଜି ସନ୍ଧ୍ୟା ୭ଟା ବେଳେ ହାୱଡାରୁ ସିକନ୍ଦରାବାଦ ଯାଉଥିବା ଫାଲକ୍‌ନାମା ଏକ୍ସପ୍ରେସରେ ପ୍ରାୟ ୫୦ ଜଣ ଶିଶୁ ଯାତ୍ରା କରୁଥିବା ଖବର ମିଳିଥିଲା । ସେହିକ୍ରମରେ ଟ୍ରେନଟି ବ୍ରହ୍ମପୁର ରେଳ ଷ୍ଟେସନରେ ପହଞ୍ଚିବା ପରେ ଆର୍‌ପିଏଫ ପକ୍ଷରୁ ଟ୍ରେନ ବଗି ଭିତରୁ ସମସ୍ତ ଶିଶୁଙ୍କୁ ଉଦ୍ଧାର କରାଯାଇଥିଲା । ଏତେ ସଂଖ୍ୟକ ଶିଶୁ ଏକାଠି କୁଆଡ଼େ ଯାଉଥିଲେ ସେ ନେଇ ଆରପିଏଫ ପକ୍ଷରୁ ତଦନ୍ତ ଚାଲିଛି । ଶିଶୁଙ୍କୁ ସହ ଟ୍ରେନରେ ଯାତ୍ରା କରୁଥିବା ୪ ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା ଜାରି ରହିଛି ।

ସ୍ୱାଗତ ତୋରଣ ନିର୍ମାଣରେ ଅନିୟମିତତା

# ଦେଢ଼ବର୍ଷରେ ଉପାଡ଼ିନେଲେ ହୋର୍ଡିଂ

ରମ୍ଭା,୧୮ ।୪(ସମସ):



ପ୍ରତ୍ୟେକ ବିଜ୍ଞାପିତ ଅଞ୍ଚଳ ପରିଷଦ ସୀମା ପ୍ରବେଶ ପଥରେ ପ୍ରଶାସନ ପକ୍ଷରୁ ସ୍ୱାଗତ ତୋରଣ ନିର୍ମାଣ କରାଯାଇଛି । ହେଲେ ବିଭିନ୍ନ ସମୟରେ ଏହି ଠିକାଦାର ତୁଷ୍ଟିକରଣ ନୀତିରେ ଏହା ନିର୍ମାଣ କରାଯାଉଥିବାରୁ ଏଗୁଡ଼ିକର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଏଭଳି ଏକ ଘଟଣା ରମ୍ଭା ଏନଏସିର ଦକ୍ଷିଣ ଦିଗ ପଟୁ ପ୍ରବେଶ ପଥରେ ଏକ ସ୍ୱାଗତ ତୋରଣ ଗତ ୩୧ ଅଗଷ୍ଟ ୨୪ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ଏହା ଏନ୍‌ଏସିର ଶୋଭାବର୍ଦ୍ଧନ କରିବା ସହ ପଥଚାରୀଙ୍କୁ ସୂଚନା ପ୍ରଦାନ କରୁଥିଲା । ହେଲେ ଏହା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି । ଏହାକୁ ବ୍ରହ୍ମପୁର ଅଞ୍ଚଳର ଜଣେ ଠିକାଦାର ନିର୍ମାଣ କରିଥିଲେ । ହେଲେ ବିଭାଗୀୟ ଅଧିକାରୀଙ୍କ ସଲାସୁତ୍ରରା ତଥା ସ୍ଥାନୀୟ ଲୋକପ୍ରତିନିଧିଙ୍କ ମିଳିଭଗତରେ ଏହା ନିର୍ମାଣ କରାଯାଇଥିବାରୁ ଏହା ନିମ୍ନମାନର ନିର୍ମାଣ ହୋଇଥିଲା । ଫଳରେ ନିର୍ମାଣର ମାତ୍ର ମାସ କେଇଟା ପରେ ଏହା ବିପଦସଂକୁଳ ଭାବେ ଝୁଲି ରହିଥିଲା । ସ୍ଥିତି ଏପରି ହୋଇଥିଲା ଯେ କୌଣସି ମୁହୂର୍ତ୍ତରେ ମଧ୍ୟ ଏହା ପଥଚାରି କିମ୍ବା ଯାନବାହନ ଉପରେ ପଡ଼ିବାର ଆଶଙ୍କା ଦେଖାଦେଇଥିଲା । ତେଣୁ ଗତ ଶୁକ୍ରବାର ଏନଏସି ପକ୍ଷରୁ ଏହାକୁ ଜେସିବି ଜରିଆରେ ଉପାଡ଼ି ନିଆଯାଇଛି । ତେବେ ଏହି ସ୍ୱାଗତ ତୋରଣ ନିର୍ମାଣ ନିମନ୍ତେ କେତେ ଟଙ୍କା ଖର୍ଚ୍ଚ ହୋଇଥିଲା ଏବଂ ଏହାର ସ୍ଥାୟିତ୍ୱ ସୀମା କେତେଦିନ ଥିଲା ତାହା ଜଣାପଡୁନି । ଏଭଳି ସ୍ଥିତିରେ ଏହା ନିର୍ମାଣ ପଛରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ଏନେଇ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ତାହା ସମ୍ଭବ ହୋଇପାରିନି । ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ମୋ ପୋଖରୀ ଖୋଳାରେ ଦୁର୍ନୀତି ପ୍ରସଙ୍ଗ

# ଖବର ପ୍ରକାଶ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

ମାଥିଲି, ୧୮।୪(ସମିସ)

ମନରେଗା ଯୋଜନାରେ ମୋ ପୋଖରୀ ଖୋଳାରେ ଦୁର୍ନୀତି ଖବର ବିଭିନ୍ନ ଦୈନିକ ଖବର କାଗଜ ଓ ବୈଦୁତିକ ଗଣମାଧମରେ ପ୍ରକାଶ ପାଇବା ପରେ ବି ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଶୂନ ରହିଛି। ଯାହାକୁ ନେଇ ଏବେ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମନରେଗା ଯୋଜନା ମାଧମରେ ଗୋଟିଏ ମୋ ପୋଖରୀକୁ ୨ ଜଣ ହିତାଧିକାରୀଙ୍କ ନାମରେ ବିଲ୍ କରି ଅର୍ଥ ହଡପ ହୋଇଛି। ମାତ୍ର ସାମାନ୍ୟ ଖୋଳି ଅର୍ଥ ଆତ୍ମସାତ ଭଳି ଚିତ୍ର ସାମ୍ନାକୁ ଆସିଛି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକରେ। ମାଥିଲି ବ୍ଲକ ଅନ୍ତର୍ଗତ ଚେଡେଙ୍ଗା ପଞ୍ଚାୟତରେ ଅନେକ ଗ୍ରାମରେ ମୋ ପୋଖରୀ ଖୋଳାରେ ଦୁର୍ନୀତି ସତ୍ୟ ହାଟରେ ପଡ଼ି ଦାଣ୍ଡରେ ଗଡୁଛି। ବିଭାଗୀୟ ବାବୁ ପୁରୁଣାକୁ କାଗଜପତ୍ରରେ ନୂଆ ଦର୍ଶାଇ ଗୋଟିଏ ପୋଖରୀ କୁ ୨ ଜଣ ହିତାଧିକାରୀଙ୍କ ନାମରେ ଅର୍ଥ ମଞ୍ଜୁର କରାଇ ସରକାରୀ ଅର୍ଥକୁ ଆତ୍ମସାତ କରାଯାଇଛି। ଚେଡେଙ୍ଗା ପଞ୍ଚାୟତର ସର୍ଗୀଗୁଡା ଗାଁରେ ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି। ଅଭିଯୋଗ ପ୍ରକାରେ, ରାସ୍ତା ପାର୍ଶ୍ୱରେ ଗାଁର ଗୋପୀ ଦୋରାଙ୍କ ନାଁରେ ପୋଖରୀ ଉନ୍ନତି କରଣ ହୋଇଛି, କିନ୍ତୁ ଜମିକୁ ଦେଖାଇ ଅଧା ବିଲ ନେଇଯାଇଛନ୍ତି ବିଭାଗୀୟ ବାବୁ। ନିଜେ ହିତାଧିକାରୀ ହାତରୁ ୧୦ ହଜାର ଟଙ୍କା ଖର୍ଚ୍ଚ କରି ସାମାନ୍ୟ ଖନନ କରିଥିବା ବେଳେ ବର୍ଷେ ବିତି ଯାଇଥିଲେ ବି ଅର୍ଥ ଦେଉନାହାନ୍ତି କି ଆଉ କରିବାକୁ କହୁନାହାନ୍ତି ମନରେଗା ଅଧିକାରୀ। ମହାକାଗାନ୍ଧୀ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ପୋଖରୀ ଅନୁମୋଦନ ହୋଇଛି। ଯାହାର ପ୍ରକଳ୍ପ ଅଟକଳ ୧ ଲକ୍ଷ ୮୦ ହଜାର ଟଙ୍କା ରହିଛି। ହେଲେ କାମ ନ କରି ଅର୍ଥ କେମେତି ଗଲା ତାହାକୁ ନେଇ ଉଠିଛି ପ୍ରଶ୍ନବାଚି ସୃଷ୍ଟି ହୋଇଛି। ସେହିପରି ସେହି ପଞ୍ଚାୟତ ଅନ୍ତର୍ଗତ ଟାଙ୍ଗିନିଗୁଡା ଗାଁର ଭଗତ ମାଛାଙ୍କ ମୋ ପୋଖରୀ ଯୋଜନାରେ ଅନ୍ତର୍ଭୁକ୍ତ ପୋଖରୀ ପୂର୍ବରୁ ଏହା ଗାଁ ର ମୃତ ବନସିଂ ମାଛାଙ୍କ ପୁରୁଣା ପୋଖରୀ ଥିଲା। ସେହି ପୋଖରୀକୁ ସାମାନ୍ୟ ଖୋଳି ୨୦୨୪ - ୨୫ ଆର୍ଥିକ ବର୍ଷରେ କାର୍ଯ୍ୟର କୋର୍ଡ ନମ୍ବର- ୧୧୨୭୯୪୬୫ ଟାଙ୍ଗିନୀଗୁଡା ଗ୍ରାମର ଭଗତ ମାଛଙ୍କ ନାମରେ ନୂଆ ପୋଖରୀ ଦର୍ଶାଯାଇଛି। ନିଜେ ହିତାଧିକାରୀ ସାମାନ୍ୟ ଖୋଳି ଥିବା ବେଳେ ତାଙ୍କର ସମ୍ପୂର୍ଣ୍ଣ ଅର୍ଥ ଉଠାଇ ନେଇଛନ୍ତି ସରକାରୀ ବାବୁ ଓ କର୍ମଚାରୀ ମାନେ ଭଗତକୁ ମାତ୍ର ୫ ହଜାର ଟଙ୍କା ଦେଇ ବାକି ଅର୍ଥ ଗଲା କୁଆଡେ। ଯାହାର ଅଟକଳ ମୂଲ୍ୟ ୧ ଲକ୍ଷ ୮୦ ହଜାର ଟଙ୍କା ଥିଲା ବାକି ଅର୍ଥ ଉଠାଇ ନେଇଥିବା ଅଭିଯୋଗ କରିଛନ୍ତି ହିତାଧିକାରୀ। ସେହିପରି ସେହି ଗ୍ରାମର କୃପା ପେଦା, ଅର୍ଜୁନ ପେଦା, ମୁକୁନ୍ଦ ମାଛା ପ୍ରମୁଖ ହିତାଧିକାରୀଙ୍କର ମଧ୍ୟ ପୋଖରୀ ଖନନ ନାଁରେ ଅର୍ଥ ଅତ୍ମସାତ ହୋଇଥିବା ଅଭିଯୋଗ ଉଠିଛି ବୋଲି ମଧ ଅଭିଯୋଗ କରିଛନ୍ତି। ଏନେଇ ବିଭାଗର ଅଧିକାରୀ ତଦନ୍ତ କରିଥିଲେ କିନ୍ତୁ ତାହା ତଦନ୍ତରେ ରହିଗଲା କହିଛନ୍ତି ହିତାଧିକାରୀ। ମନରେଗା ପ୍ରକଳ୍ପରେ ଖାଲି ପୋଖରୀ ଖନନ ଏତ ବ୍ଲକର ଗୋଟିଏ ପଞ୍ଚାୟତର ଦୃଶ୍ୟ ସାମ୍ନାକୁ ଆସିଛି। ବାକି ବ୍ଲକରେ ୧୯ ପଞ୍ଚାୟତରେ ତଦନ୍ତ ପରେ ସାମ୍ନାକୁ ଆସିବ ମନରେଗା ଯୋଜନାର ମହାଦୁର୍ନୀତି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏନେଇ ଏପିଓ ଲିଙ୍ଗରାଜ କରକରିଆଙ୍କୁ ପଚାରିବାରୁ ଖବର ପ୍ରକାଶ ପାଇବା ପରେ ଆମେ ତଦନ୍ତ ପାଇଁ ସେହି ଗାଁକୁ ଯାଇଥିଲୁ। ତଥାପି ଆପଣ ମାନେ ଟିକେ ସରପଞ୍ଚଙ୍କୁ ପଚାରି ବୁଝନ୍ତୁ ବୋଲି ଅବାନ୍ତର ଜବାବ ରଖିଥିଲେ। ମନରେଗା ଯୋଜନାରେ ହୋଇଥିବା କାର୍ଯ୍ୟ ଗୁଡିକୁ ଯଦି ଜିଲ୍ଲା ପ୍ରଶାସନ ପକ୍ଷରୁ ଉଚ୍ଚ ତଦନ୍ତ କିମ୍ବା ଭିଜିଲାନ୍ସ ବିଭାଗ ପକ୍ଷରୁ ତଦନ୍ତ ହେବ ତାହେଲେ ବିଭାଗୀୟ ବାବୁ ଓ କର୍ମଚାରୀଙ୍କ କାର୍ଯ୍ୟର ପକୃତ ସତ୍ୟ ସାମ୍ନାକୁ ଆସିବା ସହିତ ମନରେଗା କାର୍ଯ୍ୟରେ ସ୍ୱଚ୍ଛତା ଆସିବ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

● ସିବିଏସ୍ଇ ଦଶମ ପରୀକ୍ଷା

## ଲିସା ରାଉତ ରାୟଗଡ଼ା ଜିଲ୍ଲା ଟପ୍ପର



କଲ୍ୟାଣସିଂହପୁର, ୧୮।୪(ସମିସ): ଚଳିତବର୍ଷ ଦଶମ ଶ୍ରେଣୀ ସିବିଏସଇ ପରୀକ୍ଷାରେ କଲ୍ୟାଣସିଂହପୁର ଆଦର୍ଶ ବିଦ୍ୟାଳୟର ଲିସା ରାଉତ ଟପ୍ପର ଜିଲ୍ଲାସ୍ତରରେ ଟପ୍ପର ହୋଇଛନ୍ତି। ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୬୮ ଜଣ ପିଲା ସିବିଏସଇ ଦଶମ ପରୀକ୍ଷା ଦେଇଥିଲେ। ସେଥି ମଧ୍ୟରୁ ଲିସା ରାଉତ ସର୍ବାଧିକ ୫୦୦ ମାର୍କ ରୁ ୪୮୨ ମାର୍କ ୯୬ଧ ରଖି ଜିଲ୍ଲାସ୍ତରରେ ଟପ୍ପର ହୋଇଛନ୍ତି। ୪ ଜଣ ପିଲା ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ଯଶଶ୍ରୀ ବିବର ୯୫.୫ ପ୍ରତିଶତ, ଲିଜା ଖଣ୍ଡରିଆ ଏବଂ ବୈଶାଳୀ ମିଶ୍ର ୯୨.୩ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୦ଜଣ ୮୦ ପ୍ରତିଶତ, ୧୩ ଜଣ ୭୦ ପ୍ରତିଶତ, ୨୫ ଜଣ ୬୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଫଳାଫଳ ଉତ୍ତମ ରହିଥିବା ଦେଖି ଅଭିଭାବକ ଏବଂ ସ୍ଥାନୀୟ ଅଧିବାସୀମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

## ଉମରକୋଟ ବ୍ଲକରେ ଶାଶ୍ୱତ ଟପ୍ପର



ଉମରକୋଟ, ୧୮।୪(ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଆୟୋଜିତ ଦଶମ ପରୀକ୍ଷାରେ ଉମରକୋଟ ବ୍ଲକ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ଶାଶ୍ୱତ ପଟନାୟକ ମୋଟ ୯୭.୪ ପ୍ରତିଶତ ମାର୍କ ରଖି ଉମରକୋଟ ବ୍ଲକ ଟପ୍ପର ହୋଇଛନ୍ତି। ଏଥି ପୂର୍ବରୁ ଶାଶ୍ୱତ କୌନ ବନେଗା କରୋଡପତି ଭଳି ଜାତୀୟ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ଉମରକୋଟର ନାମକୁ ଜାତୀୟ ସ୍ତରରେ ପହଞ୍ଚାଇବା ସହ ରାଜ୍ୟସ୍ତରୀୟ କୁଇଜ୍‌ରେ ପ୍ରଥମ ଓ ବିଜ୍ଞାନ ସେମିନାରରେ ମଧ୍ୟ କୃତିତ୍ୱ ଅର୍ଜନ କରିଛନ୍ତି। ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ପ୍ରମୁଖ ତାଙ୍କର ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଶାଶ୍ୱତ ବାକୋଦା ପି ଏମ ଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେଶ ଚନ୍ଦ୍ର ପଟ୍ଟନାୟକ ଓ ଝରିଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା ତୁଶାରୀ ପଟ୍ଟନାୟଙ୍କ ପୁଅ ଏବଂ ପୂର୍ବତନ ରାଜସ୍ୱ ନିରୀକ୍ଷକ ଭରଦରାଜ ପଟ୍ଟନାୟକଙ୍କ ନାତି ଅଟନ୍ତି।

● ଗଣଶିକ୍ଷା ସଚିବଙ୍କ ଗସ୍ତ

## ବିଦ୍ୟାଳୟର ଅବ୍ୟବସ୍ଥା ଦେଖି ବିଗିଡ଼ିଲେ

ଗୁଣୁପୁର, ୧୮।୪(ସମିସ): ଦୁଇ ଦିନିଆ ରାୟଗଡ଼ା ଜିଲ୍ଲା ଗୁଣୁପୁର ଗସ୍ତ କରିଥିଲେ ଗଣଶିକ୍ଷା ବିଭାଗ ସଚିବ ଏନ୍ . ତ୍ରିମୁଲା ନାୟକ। ଶୁକ୍ରବାର ବିଳମ୍ବିତ ରାତ୍ରିରେ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ନିର୍ମାଣ ହେଉଥିବା ନୁତନ କୋଠା କାମର ତଦାରଖ କରିବା ସହ ରୋଗୀଙ୍କ ସହ କଥା ହୋଇ ସମସ୍ୟା ବୁଝିଥିଲେ। ଆଜି ସକାଳେ ଲାଞ୍ଜିଆ ସୌରା ଜନଜାତୀ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ ଗୁଡିକୁ ବୁଲି ଅନୁଧାନ କରିଥିଲେ। ଗସ୍ତ ସମୟରେ ପ୍ରଥମେ ସଉରା ପ୍ରଧାନିଗୁଡାଠାରେ ଥିବା



ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଚାନକ ଗସ୍ତ କରି ବିଦ୍ୟାଳୟର ଅବ୍ୟବସ୍ଥା ଦେଖି ତାଗିଦ୍ କରିଥିଲେ। ଏହାପରେ ପୁଟାସିଂ ପଞ୍ଚାୟତର ରେଞ୍ଜିଂତାଲରେ ଥିବା ଜନଜାତୀଙ୍କ ପାରମ୍ପରିକ ଇଡିତାଲ ଚିତ୍ରକଳା ପ୍ରଶିକ୍ଷଣ କେନ୍ଦ୍ର ଓ ଅଙ୍ଗନବାଡି କେନ୍ଦ୍ରକୁ ଯାଇ ବୁଲିଦେଖିଥିଲେ। ଜନଜାତୀଙ୍କ ଚାଲିଚଳନ ସମସ୍ୟା ସମ୍ପର୍କରେ ପଚାରିବୁଝିଥିଲେ। ଏହାପରେ ପୁଟାସିଂ ଠାରେ ଥିବା ସରକାରି ବାଳିକା ବିଦ୍ୟାଳୟ ପରିଦର୍ଶନ କରି ସେଠାରେ ଛାତ୍ରୀମାନଙ୍କ ସହ ଶିକ୍ଷାଦାନ ନେଇ ଆଲୋଚନା କରିବା ସହ ସଠିକ୍ ଖାଦ୍ୟପେୟ ବ୍ୟବସ୍ଥା ନେଇ ପଚାରିବୁଝିଥିଲେ। ଏଥିସହ ବିଦ୍ୟାଳୟରେ ପୁର୍ବବର୍ଷର ମାଟ୍ରିକ୍ ପରୀକ୍ଷା ଫଳାଫଳ ନେଇ ପ୍ରଧାନ ଶିକ୍ଷକଙ୍କୁ ପଚାରି ବୁଝିଥିଲେ। ପରେ ବାଳକ ବିଦ୍ୟାଳୟକୁ ଯାଇ ଛାତ୍ର ଙ୍କ ଶୈକ୍ଷିକ ପରିବେଶ ଅନୁଧାନ କରିବା ସହ ସେମାନଙ୍କୁ ଦିଆଯାଉଥିବା ଆନୁସଙ୍ଗୀକ ସୁବିଧା ସୁଯୋଗ ଉପରେ ପଚାରି ବୁଝିଥିଲେ। ଏହି ଗସ୍ତ ସମୟରେ ଗୁଣୁପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲ୍ଲିପ, ପିଡି ଡିଆରଡିଏ ଅକ୍ଷୟ କୁମାର ଖେମୁଣ୍ଡୁ, ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ ପ୍ରଧାନ, ଗୁଣୁପୁର ବିଡିଓ ସ୍ୱସ୍ତିକ ଜମାଦାର, ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମାନନ୍ଦ ବରିହା, ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ହରେକୃଷ୍ଣ ପଣ୍ଡା, ସମନ୍ୱିତ ଶିକ୍ଷା ବିକାଶ ପ୍ରକଳ୍ପ ଅଧିକାରୀ ସୁଷମା ପ୍ରସାଦଙ୍କ ସହ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

## ରାମନାଗୁଡ଼ାରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ

ରାମନାଗୁଡା : ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଏନ୍. ତିରୁମୁଲା ନାଏକ ଶନିବାର ଦିନିକିଆ ରାୟଗଡ଼ା ଜିଲ୍ଲା ଗସ୍ତରେ ଆସି ରାମନାଗୁଡା ବ୍ଲକ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସଚିବଙ୍କ ଏହି ଗସ୍ତ ସମୟରେ ପ୍ରଥମେ କୁଜେନ୍ଦ୍ରୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଯାଇ ସ୍ଥାନୀୟ ସରପଞ୍ଚ, ବାସିନ୍ଦା ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ସହ ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟକାରିତା ନେଇ ଆଲୋଚନା କରିଥିଲେ। ପରେ ରାମନାଗୁଡା ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟର ଭିତ୍ତିଭୂମି, ଇ-ଲାଇବ୍ରେରୀ, ଛାତ୍ରଛାତ୍ରୀଙ୍କ ଆର୍ଚେରୀ କୌଶଳ ଦେଖି ଖୁସି ବ୍ୟକ୍ତ କରିବା ସହ



ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ କ୍ରୀଡ଼ା ଦକ୍ଷତା ବିକାଶ ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଏହା ପରେ ବ୍ଲକ ପ୍ରଶାସନ ଓ ଉଦ୍ୟାନ କୃଷି ବିଭାଗ ମିଳିତ ସହାୟତାରେ ଖାମ୍ବାଗୁଡ଼ା ମା ଘଟଗାଁ ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ଗୋଲାପ ଚାଷ ବୁଲି ଦେଖିଥିଲେ। ଗୋଲାପ ଚାଷ ଓ ଏହାର ବିକ୍ରିଭୋଟା ନେଇ ସ୍ଥାନୀୟ ସଦସ୍ୟାଙ୍କ ସହ ଆଲୋଚନା କରିଥିଲେ। ଏହା ପରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ପାଳ ଛତୁ ଚାଷ ୟୁନିଟକୁ ଉଦଘାଟନ କରିବା ସହ ନିଜେ ଏକ ଛତୁ ବେଡ୍ ପ୍ରସ୍ତୁତ କରି ସେମାନଙ୍କୁ ଉତ୍ସାହିତ କରିଥିଲେ। ସଚିବଙ୍କ ଏହି ଗସ୍ତ ସମୟରେ ଅତିରିକ୍ତ ଜିଲ୍ଲାପାଳ ନବୀନ ନାୟକ, ଉପଜିଲ୍ଲାପାଳ ଅଭିଷେକ ଦୁଧାଲ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ ଖେମୁଣ୍ଡୁ, ପ୍ରକଳ୍ପ ପ୍ରଶାସକ ଅଜୟ ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ଜିଲ୍ଲା ଶିକ୍ଷାଅଧିକାରୀ ଭଜନ ଲାଲ ମାଝୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜନ ମଲ୍ଲିକ, ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଖିରେନ୍ଦ୍ର ନାୟକ, କନିଷ୍ଠ ଯନ୍ତ୍ରୀ ମୁଣ୍ଡାରୀ, ସହକାରୀ ଉଦ୍ୟାନ ଅଧିକାରୀ ଏମ ସୁଚିତ୍ରା, ଅକ୍ଷୟ କୁମାର ପଣ୍ଡାଙ୍କ ସମେତ ବ୍ଲକ ପ୍ରଶାସନର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଗସ୍ତ ସମୟରେ ସଚିବ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନିକ ସ୍ୱଚ୍ଛତା ଏବଂ ଜନସାଧାରଣଙ୍କ ସମସ୍ୟାର ସମାଧାନକୁ ପ୍ରାଥମିକତା ଦେବା ପାଇଁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

## ରାୟଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

# ‘ଛାତ୍ର ଜୀବନରେ ଶୃଙ୍ଖଳା ହିଁ ଆଗକୁ ବଢ଼ିବାର ବାଟ କଢ଼ାଏ’

ରାୟଗଡ଼ା, ୧୮।୪(ସମିସ): ରାୟଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ ‘ସୃଜନ-୨୦୨୬’ ପାଳିତ ହୋଇଯାଇଛି। ଏହି ଅବସରରେ ରାୟଗଡ଼ ବିଧାୟକ କାଡ୍ରାକା ଅପ୍ପାଲାସ୍ୱାମୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷା ଡ. ସରସ୍ୱତୀ ରାୟ, ପି.ଜି କାଉନ୍‌ସିଲ୍ ଚେୟାରମ୍ୟାନ ପି. ଅରୁଣ କୁମାର ଉପସ୍ଥିତ ଥିଲେ। ଅଧକ୍ଷା ଡ଼. ସରସ୍ୱତୀ ରାୟ ଶିକ୍ଷା କେବଳ ପୁସ୍ତକଜ୍ଞାନରେ ସୀମିତ ନୁହେଁ ବରଂ ଏହା ଛାତ୍ରମାନଙ୍କର ନୀତି, ଆଚରଣ ଓ ସମାଜିକ ଦାୟିତ୍ୱ ଗଢ଼ି ତୋଳିବାରେ ମୂଳ ଭୂମିକା ନିର୍ବାହ କରିଥାଏ ବୋଲି କହିଥିଲେ। ମୁଖ୍ୟଅତିଥି ବିଧାୟକ ଶ୍ରୀ ଅପ୍ପାଲାସ୍ୱାମୀ ମହାବିଦ୍ୟାଳୟର ସମସ୍ୟାଗୁଡିକୁ ସରକାରଙ୍କ ନଜରକୁ ଆଣିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ଏବଂ ପାରିପାର୍ଶିକ ଉନ୍ନତି ପାଇଁ ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଥିଲେ। ଏହି ସମଗ୍ର କାର୍ଯ୍ୟକ୍ରମ ଓ ମଞ୍ଚ ପରିଚାଳନା ଏନସିସି. ଅଧିକାରୀ ଲେଫ୍ଟନାଣ୍ଟ ଉଦୟ ନାୟକଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଓ ଅବସରପ୍ରାପ୍ତ ଅଧାପକ-କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସାଂସ୍କୃତିକ ଓ ନାଟ୍ୟ ପ୍ରତିଯୋଗିତାର ବିଜେତା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବଣ୍ଟନ କରାଯାଇଥିଲା। ସାଂସ୍କୃତିକ ସଂଘର ସଭାପତି ଟି. ଜ୍ୟୋତି, ଉପସଭାପତି ଶ୍ରୀନିବାସ ଆଚାରୀ, ନାଟ୍ୟ ସଂଘର ସଭାପତି ଅର୍ଜୁନ ମଣ୍ଡଳ ଓ ଉପସଭାପତି ମନୋଜ ପଟ୍ଟନାୟକ ମଞ୍ଚାସୀନ ଥିଲେ। ଏଥିରେ ଆକାଉଣ୍ଟ ବର୍ସାର ସୁବ୍ରତ କୁମାର ପ୍ରଧାନ, ଭବେଶ ମହାନ୍ତି, ପ୍ରଶାସନିକ ବର୍ସାର ଅଜୟ ରଇତ, ରମେଶ ଚନ୍ଦ୍ର ହୁଇକା, ମାନସୀ ମହାନ୍ତି, ପ୍ରିୟଦର୍ଶିନୀ ବଳ, ଏନସିସି ଅଫିସର କେ.କେ. ଜାନୀ, ହିମାଳୟ ସବର,



ଜିତୁ ହିକୋକା, ଏ. ସ୍ରିନୁ, ଟିକେଶ୍ୱର ମାଝି, ରାକେଶ ସ୍ୱାଇଁ ସହ ଅନ୍ୟାନ୍ୟ ଅଧାପକ ଅଧାପିକା ଓ କର୍ମଚାରୀମାନେ ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଏନସିସି ଛାତ୍ରୀମାନଙ୍କ ଦ୍ୱାରା ପଞ୍ଜାବୀ ସଙ୍ଗୀତରେ ନୃତ୍ୟ ପ୍ରଦର୍ଶନ, ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଶାସ୍ତ୍ରୀୟ ଓ ଆଧୁନିକ ନୃତ୍ୟଗୀତ ଦର୍ଶକମାନଙ୍କୁ ମନୋରଞ୍ଜନ ଯୋଗାଇଥିଲା। ଏହା ସହ ମହାବିଦ୍ୟାଳୟର ଅଧାପକ ଓ ଅଧାପିକାମାନଙ୍କ ଦ୍ୱାରା ‘କନ୍ୟାଦାନ’ ଶୀର୍ଷକରେ ଏକ ନାଟକ ଅଭିନିତ ହୋଇଥିଲା। ଶେଷରେ ପି.ଜି କାଉନ୍‌ସିଲ୍ ଚେୟାରମ୍ୟାନ ପି. ଅରୁଣ କୁମାର ଧନ୍ୟବାଦ ଜ୍ଞାପନ କରିଥିଲେ।

## ୨ ପୃଥକ୍ ଦୁର୍ଘଟଣାରେ ୩ ଜଣଙ୍କ ଗୋଡ଼ ଭାଙ୍ଗିଲା

ପଦ୍ମପୁର, ୧୮।୪(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ସ୍ଥିତ ଆଖୁସିଙ୍ଗ୍ ଗ୍ରାମ ନିକଟରେ ବ୍ରହ୍ମପୁରରୁ ଆସୁଥିବା ଏକ କାର୍ ସମ୍ମୁଖ ଚକା ଟାୟାର ଫାଟିଯିବାରୁ ଭାରସାମ୍ୟ ହରାଇ ଏକ ବାଇକ୍‌କୁ ଧକ୍କା ଦେବାରୁ ବାଇକ୍ ଆରୋହୀ ପ୍ରଶାନ୍ତ କୁମାର ମହାନ୍ତି (୪୦) ଓ ତାଙ୍କ ପୁତ୍ର ସନ୍ତୋଷ ମହାନ୍ତି(୧୨)ଙ୍କ ଦୁଇଜଣଙ୍କ ବାମ ଗୋଡ ଭାଙ୍ଗିଯାଇଛି। ସଙ୍ଗେ ସଙ୍ଗେ ପାଖ ଗ୍ରାମର ଲୋକମାନେ ଆମ୍ବୁଲାନ୍ସ ଯୋଗେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣିଥିଲେ। ତେବେ ପଦ୍ମପୁର ଡାକ୍ତର ଶ୍ରବଣ କୁମାର ସାହୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି। ସେହିପରି ପଦ୍ମପୁର ଶାନ୍ତି ମାର୍କେଟଠାରେ ଏକ ବାଇକ୍ ଦୁର୍ଘଟଣା ହେବାରୁ ଏଲ୍ ଗୌରୀଶଙ୍କର ନାମକ ଯୁବକଙ୍କ ଡ଼ାହାଣ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ତାଙ୍କୁ ମଧ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଏକ ଏମ୍‌ଏଲ୍‌ସି କେସ୍ ଦାୟର କରାଯାଇଛି। ପଦ୍ମପୁର ପୋଲିସ ଘଟଣାର ତଦନ୍ତ କରୁଛି।

● କଲବଲ କରୁଛି ଗ୍ରୀଷ୍ମର ପ୍ରଭାବ

## ଜନ ଜୀବନ ଅସ୍ତବ୍ୟସ୍ତ; ରାସ୍ତାଘାଟ ଖାଁ ଖାଁ

ବିଷମ କଟକ, ୧୮।୪(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକରେ ଚଳିତ ବର୍ଷର ପ୍ରଚଣ୍ଡ ଗ୍ରୀଷ୍ମ ପ୍ରଭାବ ଆରମ୍ଭ ହୋଇଯାଇଛି। ଗତ ଏପ୍ରେଲ ମାସ ଆରମ୍ଭ ରୁ ଆକାଶରେ ଅଗ୍ନି ବର୍ଷା ଦେଖାଦେଇଛି। ସକାଳୁ ୧୦ଟା ହେଲେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରଭାବରୁ ଲକେ ଘରୁ ବାହାରିବା ମୁସ୍କିଲ ହୋଇପଡ଼ିଛି। ଗତ କିଛିଦିନ ହେବ ତାପମାତ୍ର ୩୬ଡିଗ୍ରୀ ସେଲସିୟସ ରହିଥିଲା ବେଳେ ଏହା ୪୦ଡିଗ୍ରୀ ଅନୁଭୂତି ହେଉଛି। ସକାଳ ୧୦ଟା ବେଳକୁ ଗ୍ରୀଷ୍ମର ପ୍ରଭାବ ଏତେ ମାତ୍ରାରେ ଆରମ୍ଭ ହୋଇଯାଉଛି ଯେ ଲୋକେ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି।



ଏଭଳି ଗ୍ରୀଷ୍ମ ପ୍ରଭାବରେ ସକାଳୁ ୧୦ ଟାରୁ ଆରମ୍ଭ କରି ସନ୍ଧ୍ୟା ପର୍ଯ୍ୟନ୍ତ ରାସ୍ତାଘାଟ ଖାଁ ଖାଁ ହୋଇପଡୁଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଛାତ୍ରଛାତ୍ରୀଙ୍କ ସ୍କୁଲ ସକାଳୁ ଆରମ୍ଭ ହୋଇଥିବା ବେଳେ ପାଠପଢ଼ା ସାରି ଘରକୁ ଫେରିବା ବେଳେ ଅସହ୍ୟ ତାତି ସେମାନଙ୍କୁ କଲବଲ କରୁଛି। ଅନେକ ଗ୍ରାମାଞ୍ଚଳର ଆଦିବାସୀ ଛାତ୍ରଛାତ୍ରୀମାନେ ତିନି କିଲୋମିଟରରୁ ଆରମ୍ଭ କରି ପାଞ୍ଚ କିଲୋମିଟର ପର୍ଯ୍ୟନ୍ତ ଚାଲିଚାଲି ସ୍କୁଲକୁ ଯିବା ଆସିବାକୁ ପଡ଼ିଥାଏ। ଦିନକୁ ଦିନ ଗ୍ରୀଷ୍ମର ପ୍ରଭାବ ବଢ଼ିବା କାରଣରୁ ଛାତ୍ରଛାତ୍ରୀମାନେ ଅଂଶୁଘାତର ଶିକାର ହେବା ସମ୍ଭାବନା ମଧ୍ୟ ରହିଥିବା ଅନୁମାନ କରାଯାଉଛି। ଏଭଳି ସ୍ଥିତିରେ ଜିଲ୍ଲା ପ୍ରଶାସନ ସ୍କୁଲ ଗୁଡିକରେ ତୁରନ୍ତ ଖରାଛୁଟି ଘଷଣା କରିବାକୁ ସାଧାରଣରେ ଦାବି ହୋଇଛି। ଦିନକୁ ଦିନ ପଡୁଚାଷ ପାଇଁ ପ୍ରବଳ ମାତ୍ରାରେ ଜଙ୍ଗଲ ଧ୍ୱଂସ ହେଇ ଆସୁଥିବାରୁ ତାପମାତ୍ରା ବଢ଼ିବାର ମୁଖ୍ୟ କାରଣ ସାଜିଛି। ଜଙ୍ଗଲ ଧ୍ୱଂସ କାରଣରୁ ତାପମାତ୍ରା ସର୍ବାଧିକ ୪୦ ଡିଗ୍ରୀରୁ ଅଧିକ ବୃଦ୍ଧି ପାଇବା ଆକଳନ କରାଯାଉଛି। ଅନ୍ୟପଟେ ଆଗକୁ ଆହୁରି ଅଧିକ ତାପମାତ୍ରା ବୃଦ୍ଧି ପାଇବା ନେଇ ପାଣିପାଗ ଆକଳନ କରିଥିବା ବେଳେ ପ୍ରବଳ ଖରା ଯୋଗୁଁ ଲସି, ତରଭୁଜ, ସରବତ, ଆଖୁରସ, ପଇଡ ଆଦି ଦୋକାନରେ ଭିଡ ଦେଖିବାକୁ ମିଳୁଛି। ଲୋକେ ଏଭଳି ଖରାକୁ ସହିନପାରି ବିଭିନ୍ନ ପ୍ରକାର ପାନୀୟ ପିଇ ଶୋଷ ମେଣ୍ଟାଉ ଛନ୍ତି।

● ଆକାଉଣ୍ଟରେ ଜମା ହୋଇନି ଭତ୍ତା ଟଙ୍କା

## ବିଳମ୍ବକୁ ନେଇ ହିତାଧିକାରୀଙ୍କ ଅସନ୍ତୋଷ

ମୁନିଗୁଡା, ୧୮।୪(ସମିସ): ମୁନିଗୁଡା ବ୍ଲକ ଅଞ୍ଚଳରେ ଭତ୍ତା ବଣ୍ଟନକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଶେଷ କରି ୮୦ ବର୍ଷରୁ ଅଧିକ ବୟସ୍କ ଓ ୮୦ ଶତକଡା ଭିନ୍ନକ୍ଷମ ହିତାଧିକାରୀଙ୍କ ଭତ୍ତା ଟଙ୍କା ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଆସୁଥିବାରୁ ସେମାନଙ୍କ ପାଇଁ ବ୍ୟାଙ୍କକୁ ଯାଇ ଧାଡିରେ ଠିଆ ହେବା କଷ୍ଟସାଧ ହେଉଥିବା ଆମ୍ବଦଳା ପଞ୍ଚାୟତ ବଡ଼ସାହି, ଇନ୍ଦିରା ସାହିର ପଦ୍ମା ବେନିଆ, ବିଷୟା କରକରିଆ, ବାସୁମତି କୁସୁଲିଆ, ଅକ୍ରୁର କୁସୁଲିଆ, କୁମାର ସ୍ୱାମୀ ପାଲକା ପ୍ରମୁଖ ଅଭିଯୋଗ କରିଛନ୍ତି। ଏପରି ପରିସ୍ଥିତିରେ କିଛି ହିତାଧିକାରୀଙ୍କୁ ପଞ୍ଚାୟତ ମାଧ୍ୟମରେ ଅଫଲାଇନ୍ ଭାବେ ଭତ୍ତା ଦିଆଯାଇଥିବା ବେଳେ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଭତ୍ତା ପାଉଥିବା ଅନେକ ଲୋକଙ୍କ ଆକାଉଣ୍ଟରେ ଏପର୍ଯ୍ୟନ୍ତ ଟଙ୍କା ଜମା ହୋଇନାହିଁ। ଏହା ଫଳରେ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ସରକାରୀ ନିୟମ ଅନୁଯାୟୀ ପ୍ରତିମାସର ୧୫ ତାରିଖ ମଧ୍ୟରେ ଭତ୍ତା ଟଙ୍କା ମିଳିବାର ଥିଲେ ସୁଦ୍ଧା କିଛି ମାସରେ ଏହା ୧୭ କିମ୍ବା ୧୮ ତାରିଖରେ ମିଳୁଥିଲା। ଚଳିତ ମାସରେ ୧୭ ତାରିଖରେ ପଞ୍ଚାୟତ ମାଧ୍ୟମରେ ଭତ୍ତା ବଣ୍ଟନ ହୋଇଥିଲେ ମଧ୍ୟ ଆକାଉଣ୍ଟଧାରୀ ହିତାଧିକାରୀମାନେ ଟଙ୍କା ପାଇପାରିନାହାନ୍ତି। ଏହି ଅସମନ୍ୱୟକୁ ନେଇ ହିତାଧିକାରୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିବା ସହ ସମ୍ପର୍କିତ ବିଭାଗକୁ ଶୀଘ୍ର ପଦକ୍ଷେପ ନେଇ ସମସ୍ତଙ୍କ ଆକାଉଣ୍ଟରେ ଭତ୍ତା ଟଙ୍କା ଜମା କରାଇବାକୁ ଦାବି କରିଛନ୍ତି।

● କାନ୍ଦୁଲ ମଣ୍ଡି ଉଦ୍‌ଘାଟିତ

## ସରକାରଙ୍କ ଅଜବ ନୀତି; ବଜାର ମୂଲ୍ୟ ୯୦, ମଣ୍ଡିରେ ୮୦

ବିଷମ କଟକ, ୧୮।୪(ସମିସ): ରାୟଗଡ଼ ଜିଲ୍ଲାର ବିଷମ କଟକ ବ୍ଲକ ସଦରର ଗଜବାହାଲଠାରେ ବିଷମ କଟକ ଲ୍ୟାମ୍ପସ୍ ଆନୁକୂଲ୍ୟରେ ଆଜି ପ୍ରଥମ ଥର ନୂତନ ଭାବେ କାନ୍ଦୁଲ ମଣ୍ଡି ଉଦ୍‌ଘାଟିତ ହୋଇଛି। ବିଷମ କଟକ ଲ୍ୟାମ୍ପସ୍ ସଭାପତି ଶିରି କୁମ୍ଭରିକା ଏହି ମଣ୍ଡିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ମଣ୍ଡିର ଉଦ୍‌ଘାଟନ କରିଛନ୍ତି। ଏ ଅବସରରେ ବିଷମ କଟକ ବ୍ଲକ କୃଷି



ଅଧିକାରୀ ଘନଶ୍ୟାମ ହାଇବ୍ରୁ, ଲ୍ୟାମ୍ପସ ଡାଇରେକ୍ଟର ତ୍ରିନାଥ ଗୌଡ଼, ନାଫେଡ୍ ଓଡ଼ିଶା ସମ୍ପାଦକ ସଞ୍ଜୀବ ସାହୁ, ମାର୍କଫେଡ ଅତିରିକ୍ତ ସମ୍ପାଦକ ଅମ୍ବିକା ଶତପଥି ସମେତ ବ୍ଲକର ସମସ୍ତ କୃଷି ଅଧିକାରୀ ଲ୍ୟାମ୍ପସ କର୍ମଚାରୀମାନେ ଉପସ୍ଥିତ ଥିଲେ। ଚଳିତ ବର୍ଷ ମଣ୍ଡିରେ ଉନ୍ନତ ମାନର କାନ୍ଦୁଲ(ହରଡ)କୁ କ୍ୱିଣ୍ଟାଲ ପିଛା ୮୦୦୦ ଟଙ୍କାରେ କ୍ରୟ କରିବା ନିମନ୍ତେ ସରକାର ଦର ଧାର୍ଯ୍ୟ କରିଛନ୍ତି। ମଣ୍ଡିରେ ଉପଯୁକ୍ତ ଗୁଣବତ୍ତା (ଏଫ୍‌ଏକ୍ୟୁ) ମାନର ସଫା ସୁତରା କାନ୍ଦୁଲ(ହରଡ) ଦେବାକୁ ଚାଷିମାନଙ୍କୁ ଅନୁରୋଧ କରାଯାଇଥିଲା। ବିଷମ କଟକ ସମବାୟ ସମିତି ଶାଖା ପରିଚାଳକ ସାନ୍ଟୁନୁ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମଣ୍ଡିରେ କିଣାଯାଇଥିବା ହରଡର ଟଙ୍କା ସିଧାସଳଖ ଚାଷିଙ୍କ ବ୍ୟାଙ୍କ ଖାତାକୁ ଯିବା ନେଇ ଶାଖା ପରିଚାଳକ ସୁଚନା ପ୍ରଦାନ କରିଥିଲେ। ବର୍ତ୍ତମାନ ହରଡର ବଜାର ଦର ୯୦ ଟଙ୍କାରୁ ଅଧିକା ରହିଥିବା ବେଳେ ସରକାର ଧାର୍ଯ୍ୟ ମୂଲ୍ୟ ୮୦ ଟଙ୍କା ରହିଛି। ଯାହା କି ମଣ୍ଡି ପରିଚାଳନାରେ ସରକାର ଅଜବ ନୀତି ଦେଖିବାକୁ ମିଳିଛି। ଯାହା ବର୍ତ୍ତମାନ ମଣ୍ଡିରେ ଆବଶ୍ୟକ ମୁତାବକ ହରଡ କଣାଯିବା ନେଇ ଅନେକ ସନ୍ଦେହ ସୃଷ୍ଟି କରୁଛି।

## ସିବିଏସ୍ଇ ଦଶମ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ମାଲକାନଗିରି, ୧୮।୪(ସମିସ): ମାଲକାନଗିରି ଜିଲ୍ଲା ପରିଷଦ ସଭାଗୃହରେ ସିବିଏସ୍ଇ ଦଶମ ଶ୍ରେଣୀ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ଜିଲ୍ଲା ପରିଷଦ ସଭାଗୃହରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଜିଲ୍ଲାର ସିବିଏସଇ ଦଶମ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ୨୮ ଜଣ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରିଛନ୍ତି। ଏହି ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧରୁଆ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଓ ଭାଗୀରଥି ବେହେରା ଉପସ୍ଥିତ ଥିଲେ। ମାଲକାନଗିରି ଭଳି ଏକ ଆକାଂକ୍ଷୀ ଜିଲ୍ଲାର ପିଲାମାନେ ଜାତୀୟ ସ୍ତରର ପରୀକ୍ଷାରେ ଏଭଳି ଉତ୍କୃଷ୍ଟ ପ୍ରଦର୍ଶନ କରିବା ସମସ୍ତ ଜିଲ୍ଲାବାସୀଙ୍କ ପାଇଁ ଗର୍ବର ବିଷୟ। ଏମାନେ ଅନ୍ୟ ପିଲାମାନଙ୍କ ପାଇଁ ପ୍ରେରଣା। ଶିକ୍ଷା ହିଁ ପରିବର୍ତ୍ତନର ମୂଳ ଚାବି ବୋଲି ଜିଲ୍ଲାପାଳ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅଁଳାପଦର ବାପୁଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଲକ୍ଷ୍ମଣ ଦୋରାଙ୍କୁ ୧୭ ବର୍ଷ ବିଭାଗ ଜାତୀୟ ବିଦ୍ୟାଳୟ କ୍ରିକେଟ ପାଇଁ ଚୟନିତ ହୋଇଥିବାରୁ ଶୁଭେଚ୍ଛା ଓ ସମ୍ମାନ ପ୍ରଦାନ କରାଯାଇଥିଲା। ଜବାହର ନବୋଦୟ ବିଦ୍ୟାଳୟରୁ ୧୧ ଜଣ, ଓଡ଼ିଶା ଆଦର୍ଶ ବିଦ୍ୟାଳୟରୁ ୮ ଜଣ, କେନ୍ଦ୍ରୀୟ ବିଦ୍ୟାଳୟରୁ ୩ ଜଣ ଏବଂ ଆଇଏମ୍‌ଏସଟି ବିଦ୍ୟାଳୟରୁ ୬ଜଣ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନ ଫଳକ ଏବଂ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ସେମାନଙ୍କ ପିତାମାତା ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ମଧ୍ୟ ଅଭିନନ୍ଦନ ଜଣାଯାଇଥିଲା। ପରେ ଜିଲା ସ୍ତରୀୟ ଶିକ୍ଷା ବିଭାଗ ସମୀକ୍ଷା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ଶିକ୍ଷା ଅଧିକାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସହ ବିଭିନ୍ନ ବିଭାଗୀୟ ମୁଖ୍ୟ ନିଜ ନିଜର କାର୍ଯ୍ୟ ଓ ଅନ୍ୟାନ୍ୟ ତଥ୍ୟକୁ ନୂତନ ଜିଲ୍ଲାପାଳଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ସମସ୍ତ ତଥ୍ୟ ଅବଗତ ପରେ ଜିଲ୍ଲାପାଳ ବିଦ୍ୟାଳୟ ସୁରକ୍ଷା ଓ ବାଳିକାଙ୍କ ସ୍ୱାସ୍ଥ୍ୟକୁ ନିୟମିତ ପରଖିବା, ପାଠ ଛାଡିଥିବା ପିଲାଙ୍କୁ ମୁଖ୍ୟ ସ୍ରୋତକୁ ଫେରେଇ ଆଣିବା, ବିଦ୍ୟାଳୟ ପୋଷାକ ଓ ପୁସ୍ତକ ବଣ୍ଟନକୁ ତ୍ୱରାନ୍ୱିତ କରିବା, ଦଶମ ଶ୍ରେଣୀ ପିଲାଙ୍କ ଭଲ ଫଳାଫଳ ପାଇଁ ଅଭିନବ କାର୍ଯ୍ୟକ୍ରମ ହାତକୁ ନେବା, ପାଠ୍ୟଖସଡା ସଠିକ୍ ସମୟରେ ସାରିବା ଏବଂ ବିଚାର ମଞ୍ଚ କିମ୍ବା ଶିକ୍ଷା ଷ୍ଟୁଡିଓ ମାଧମରେ ଉନ୍ନତ ଶିକ୍ଷା ପ୍ରଣାଳୀ ପ୍ରସ୍ତୁତ କରିବା ଆଦି ବିଷୟକୁ ଅତି ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

## ଜିଏସ୍‌ଟି ଫାଙ୍କୁଛନ୍ତି ମୃଦୁପାନୀୟ ବ୍ୟବସାୟୀ!

# ବିନା ଜିଏସଟିରେ ଚାଲିଛି କୋଟି କୋଟି ଟଙ୍କାର ବେପାର

ରାୟଗଡ଼, ୧୮।୪(ସମିସ)

ରାୟଗଡ଼ ସହରରେ ଚାଲିଥିବା ମୃଦୁପାନୀୟ ବ୍ୟବସାୟୀମାନେ ସିଧା ସଳଖ ଜିଏସଟି ଫାଙ୍କୁ ଥିବାରୁ ସରକାରଙ୍କ ରାଜସ୍ୱ ହାନି ହେଉଥିବା ଅଭିଯୋଗ ହେଉଛି। ରାଜ୍ୟ ରାଜକୋଷକୁ ଦୁର୍ବଳ କରି ଖୁଲମଖୁଲା ବ୍ୟବସାୟ କରୁଥିବା ନଜରକୁ ଆସିଛି। ଚଞ୍ଚକତା କରି କୋଟି କୋଟି ଟଙ୍କାର ବ୍ୟବସାୟା କରି ନିଜସ୍ୱ କୋଷକୁ ସବଳ କରୁଥିବା ବେଳେ ରାଜ୍ୟ ଓ କେନ୍ଦ୍ର ରାଜକୋଷକୁ ଦୁର୍ବଳ କରୁଛନ୍ତି। ମୁଖ୍ୟତଃ ମୃଦୁପାନୀୟ ବ୍ୟବସାୟରେ ରାଜ୍ୟ ସରକାର ୨୦ ପ୍ରତିଶତ ଏବଂ କେନ୍ଦ୍ର ସରକାର ୨୦ ପ୍ରତିଶତ ମୋଟ ୪୦ ପ୍ରତିଶତ ଟିକସ ପଇଠ କରିବାର ବ୍ୟବଧାନ ରହିଛି। ଉଦାହରଣ ସ୍ୱରୂପ ଏକ ସହ ଟଙ୍କାରେ ୪୦ ଟଙ୍କା ଟିକସ ଦେଇ ବ୍ୟବସାୟ କରିବାକୁ ପଡ଼ିଥାଏ। ସମସ୍ତ ପ୍ରକାର ବ୍ୟବସାୟମାନଙ୍କ ମଧ୍ୟରେ କୁଲଡ୍ରିଙ୍କ ବ୍ୟବସାୟ ବର୍ତ୍ତମାନ ଏକ ପ୍ରମୁଖ ବ୍ୟବସାୟ ପାଲଟିଛି। ପ୍ରତିଦିନ କୋଟି କୋଟି ଟଙ୍କାର କୋଲ୍ ଡ୍ରିଙ୍କ ବ୍ୟବସାୟ ହେଉଥିବା ଦେଖିବାକୁ ମିଳିଛି। ଫଳରେ ଏହି ବ୍ୟବସାୟ ପ୍ରତି ଆକୃଷ୍ଟ ହୋଇ ବହୁ ମାତ୍ରାରେ ଦେଶୀ ଓ ବିଦେଶୀ କମ୍ପାନୀର କୁଲଡ୍ରିଙ୍କ ବ୍ୟବସାୟ ଛତୁ ଫୁଟିବା ଭଳି ବଜାରରେ ଖୋଲିଛି। ପ୍ରତିଦିନ ବହୁ ସଂଖ୍ୟାରେ କୁଲଡ୍ରିଙ୍କ ଗାଡି ବ୍ୟବସାୟ ପାଇଁ

**ଜିଏସଟି ଧରପଗଡ଼ ଜୋରଦାର କରିବାକୁ ଦାବି**

ବୁଲୁଛି। ତେବେ ସେଥିରୁ ୯୦ ପ୍ରତିଶତ ସାମଗ୍ରୀ ବିନା ଜିଏସଟି ପଇଠ କରି ଖୁଲମ ଖୁଲା ବିକ୍ରି କରୁଛନ୍ତି। ଯାହାର ଉଦାହରଣ ଦେଖିବାକୁ ମିଳିଥିଲା ଗତ ଦୁଇଦିନ ତଳେ ରାୟଗଡ଼ ଜିଏସଟି ବିଭାଗର ଏନଫୋର୍ସମେଣ୍ଟ ଟିମ ଦ୍ୱାରା କଟାଯାଇଥବା ଚାଲାଣରୁ। କୋରାପୁଟ ଜିଲ୍ଲା ସିମିଳିଗୁଡା ଠାରୁ ଏକ ୪୦୭ ଭ୍ୟାନ୍ ( ଓଡି ୧୦ ଏନ ୧୪୬୮ ) ଯୋଗେ ଥମ୍‌ସପ୍ କମ୍ପାନୀର କୋଲଡ୍ରିଙ୍କ ଆସି ବିନା ଜିଏସଟି ପଇଠ କରି ଚୋରାରେ ବିକ୍ରି କରୁଥିବା ବେଳେ ସ୍ଥାନୀୟ କୋଲଡ୍ରିଙ୍କ ବ୍ୟବସାୟୀ ଏମ. ଲକ୍ଷ୍ମଣ କୁମାର ରାୟଗଡ଼ ଟାଉନ ଥାନାକୁ ଖବର ଦେଇଥିଲେ। ପୋଲିସ ଉକ୍ତ ଗାଡିକୁ ଧରିବା ପରେ ଜିଏସଟି ଏନଫୋରସମେଣ୍ଟ ଟିମକୁ ଖବର ଦେବା ପରେ ବିଭାଗୀୟ ଅଧିକାରୀ ଅର୍ଜୁନ ଶବର ଯାଞ୍ଚ କରି ଜୋରିମାନା ବାବଦକୁ ୧ ଲକ୍ଷ ୫ ହଜାର ୬୨୨ ଟଙ୍କାର ଚାଲାଣ କାଟିଥିଲେ। ରାୟଗଡ଼ ସହର ରାଣୀଗୁଡା ଅଞ୍ଚଳରେ ଶାରଦା ଏଜେନ୍ସି ନାମରେ ଉକ୍ତ ଚାଲାଣ କଟା ଯାଇଥିବା ନେଇ ଅଧିକାରୀ ଶ୍ରୀ ଶବର ସୂଚନା ଦେଇଛନ୍ତି। ତେବେ ରାୟଗଡ଼ ବଜାରରେ କେବଳ ମୃଦୁ ପାନୀୟ ନୁହେଁ ଏଭଳି ଅନେକ ନାମିଦାମୀ ବ୍ରାଣ୍ଡ ଥିବା କମ୍ପାନୀର ଲକ୍ଷାଧିକ ଟଙ୍କାର ମାଲ ରାତି ଅଧରେ ତଥା ଜିଏସଟି ଏନଫୋର୍ସମେଣ୍ଟ ଟିମକୁ ଅନ୍ଧାରରେ ରଖି ଅସାଧୁ ବ୍ୟବସାୟୀମାନେ ବେପାର କରି କୋଟି କୋଟି ଟଙ୍କାର ଜିଏସଟି ଫାଙ୍କୁ ଥିବାରୁ ସହରରେ ଜିଏସଟି ଏନ୍ଫୋର୍ସମେଣ୍ଟ ଟିମ ପକ୍ଷରୁ ଧରପଗଡ଼ ଜୋରଦାର କରିବାକୁ ସାଧାରଣରେ ଦାବି ଉଠିଛି।

■ ନିୟମିତ ମିଳୁନି ପାଣି

# ମାଠିଆ, ବାଲ୍‌ଟି ଧରି ଗ୍ରାମବାସୀଙ୍କ ପ୍ରତିବାଦ



ଜି.ଉଦୟଗିରି,୧୮।୪(ସମିସ): ଦିନେ ମିଳିଲେ ଆଉ ଦିନକୁ ମିଳୁନି ପାଣି। ଗ୍ରୀଷ୍ମ ପ୍ରବାହ ଦିନକୁ ଦିନ ବଢୁଥିବା ବେଳେ ୪/୫ ଦିନ ପର୍ଯ୍ୟନ୍ତ ପାଣି ନମିଳିବା ଯୋଗୁଁ ଛଟପଟ ହେଉଛନ୍ତି ଗ୍ରାମବାସୀ। ଏମିତି ଘଟଣା କଳିଙ୍ଗା ଡ଼ିଏଭିରେ ଦେଖିବାକୁ ମିଳିଛି। ଯାହାକୁ ନେଇ ଦିନକୁ ଦିନ ଅସନ୍ତୋଷ ବଢୁଥିବା ବେଳେ ଆଜି ଉଗ୍ର ରୂପ ନେଇଥିଲା। ଗ୍ରାମର ମହିଳା ବାଲଟି, ମାଠିଆ ଧରି ଆଜି ପ୍ରତିବାଦ କରିଥିଲେ। ବଡ଼ଟାଙ୍କି ଅଛି ହେଲେ ଚାରିଦିନ ହେଲା ପାଣି ଯୋଗାଣ ବନ୍ଦ ରହିଛି। କେବେ ଆସୁଛି କେବେ ଆସୁନି। ଏହି ଖରା ଦିନରେ ଆମେ କେମିତି ରହିବୁ ବୋଲି ପ୍ରଶ୍ନ କରିଛନ୍ତି ମହିଳା। ଶୀଘ୍ର ଏହାର ସ୍ଥାୟୀ ସମାଧାନ କରିବା ସହିତ ସୋଲାର ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରିବାକୁ ଦାବି କରିଛନ୍ତି। ଏଥିରେ ଗୀତାଞ୍ଜଳି ଭୋଇ, ଶୈଳ ମହାରଣା, ଡଲି ନାୟକ, ଝୁନୁ ବର୍ଗତି, ଉର୍ମିଳା ଦଳବେହେରା, ଲିଲି ମହାରଣା, ଓ କୁମାରୀ ଚନ୍ଦନଙ୍କ ସମେତ ଶତାଧିକ ମହିଳା ସାମିଲ ହୋଇ ପ୍ରତିବାଦ କରିଥିଲେ।

# କଂଗ୍ରେସର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ




ଜି.ଉଦୟଗିରି,୧୮।୪(ସମିସ): ଜି.ଉଦୟଗିରି ନିର୍ବାଚନମଣ୍ଡଳୀ ହେଉଛି କଂଗ୍ରେସର ଗଡ଼। ଏହାର ସୁରକ୍ଷା ପାଇଁ ତୃଣମୂଳ ସ୍ତରରେ ସଂଗଠନର ଆବଶ୍ୟକତା ରହିଛି ବୋଲି ଆୟୋଜିତ କର୍ମୀ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ କହିଛନ୍ତି। ଜି.ଉଦୟଗିରି ବ୍ଲକ ସଭାପତି ମନମୋହନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମୀ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ଚନ୍ଦ୍ର ଶେଖର ପରିଡା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଅନ୍ଧାରି ପ୍ରଧାନ, ପବିତ୍ର ପ୍ରଧାନ, ବିବେକାନନ୍ଦ ପ୍ରଧାନ ମଞ୍ଚାସୀନ ରହି ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଗୋଷ୍ଠୀ କନ୍ଦଳରୁ ଊର୍ଦ୍ଧ୍ୱରେ ରହି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ପୂର୍ବରୁ ସାଧାରଣ ସମ୍ପାଦକ ଗୋପାଳ ନାୟକ ବିବରଣୀ ପାଠ କରିଥବା ବେଳେ ବିଧାୟକ ପ୍ରତିନିଧି ପାଉଲ ପ୍ରଧାନ, ମଧୁଲିନା ଡିଗାଲ, କୁନା ପଟ୍ଟନାୟକ, ବକ୍ସି ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମୃତ ଛାତ୍ରୀଙ୍କ ପରିବାରକୁ ଭେଟିଲେ ବିଜୟ ପଟ୍ଟନାୟକ



ପାରଳାଖେମୁଣ୍ଡି,୧୮।୪(ସମିସ): ନୂଆଗଡ ବ୍ଲକ ଆର୍.ଉଦୟଗିରି ଥାନା ରୁବୁଡ଼ିଙ୍ଗ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ବୁଧବାର ଦିନ ଗେଟ୍ ତଳେ ଚାପି ହୋଇ ୨ ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ ଶୋକ ବ୍ୟକ୍ତ କରିଛନ୍ତି ଅବସରପ୍ରାପ୍ତ ରାଜ୍ୟ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ। ଆଜି ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଶ୍ରୀ ପଟ୍ଟନାୟକ ଏହାର ଦୃଢ ନିନ୍ଦା କରିଛନ୍ତି। ଏହାସହ ମୃତ ଛାତ୍ରୀଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଏହାସହ ଶ୍ରୀ ପଟ୍ଟନାୟକଙ୍କ ଚାଟଶାଳୀ ପାଠ ଟ୍ରଷ୍ଟ ଅନ୍ତର୍ଗତରେ ଉଭୟ ପରିବାରର ଥିବା ପିଲାମାନଙ୍କ ପାଠପଢ଼ା ଦାୟିତ୍ୱ ବହନ କରାଯିବ ବୋଲି କହିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଅର୍ଥରାଶି ଉଭୟ ପରିବାରଙ୍କୁ କିଭଳି ଅତିଶୀଘ୍ର ମିଳିବ ସେନେଇ ପ୍ରଚେଷ୍ଟା କରିବେ ବୋଲି ମୃତକ ଛାତ୍ରୀଙ୍କ ପରିବାରଙ୍କୁ ଆଶ୍ୱସନା ଦେଇଛନ୍ତି। ଘଟଣାର ବିଭିନ୍ନ ବିଷୟକୁ ନେଇ ଜିଲ୍ଲାପାଳଙ୍କୁ ଜଣାଇବା ପାଇଁ ଘଟଣାସ୍ଥଳରୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ ଜିଲ୍ଲାପାଳ ଫୋନ୍ ଉଠାଇନଥିବାରୁ ଆଲୋଚନା କରିପାରିନଥିବା ଜଣାପଡିଛି।

# ତୃତୀୟ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ଫିରିଙ୍ଗିଆ,୧୮।୪(ସମିସ): ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟରେ ଥିବା ପଞ୍ଚାୟତ ସ୍ନାତକ ମହାବିଦ୍ୟାଳୟରେ ଯୁକ୍ତ ତିନି ତୃତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଧ୍ୟକ୍ଷ ନବଘନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ



ମହାବିଦ୍ୟାଳୟର ତୃତୀୟ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବା ବେଳେ ନିକଟରେ ରାଜ୍ୟସ୍ତରୀୟ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ହୋଇଥିବା ଯୁକ୍ତ ୨ ଦ୍ୱିତୀୟ ବର୍ଷର ଛାତ୍ରୀ ସୁଜ୍ଞାନୀ ରାଣୀ ଗୌଡ଼ଙ୍କୁ ବିଦ୍ୟାଳୟ ତରଫରୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଓଡ଼ିଆ ଅଧ୍ୟାପିକା ହରପ୍ରିୟା ମିଶ୍ର ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ଼.ସନ୍ଧ୍ୟାରାଣୀ ପାଢ଼ୀ, ବନିତା ପଣ୍ଡା, ଶର୍ମିଷ୍ଠା ପ୍ରଧାନ, ଅଧ୍ୟାପକ ସୁଦାମ ବେହେରା, ଡ଼.ବିରଞ୍ଚି ନାରାୟଣ ସାହୁ,ଏନ ଶ୍ରୀନିବାସ ରାଓ, ପ୍ରଦୀପ କୁମାର ମହାପାତ୍ର, ରଞ୍ଜିତ ଦୀପ, ଜିପୁନ ମୁଖିଙ୍କ ସହ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ।

ବେଲଘର ବନାଞ୍ଚଳରେ ହାତୀ ମୃତ୍ୟୁ ଘଟଣା

# ଚାଲିଛି ମୃତ ହାତୀର ବ୍ୟବଚ୍ଛେଦ; ଉଚ୍ଚସ୍ତରୀୟ ତଦନ୍ତ ଦାବି



■ ୪ ମାସରେ ମଲେଣି ୩ ହାତୀ
■ ରହସ୍ୟ ଥିବା ଅଞ୍ଚଳବାସୀଙ୍କ ସନ୍ଦେହ

ତୁମୁଡିବନ୍ଧ,୧୮।୪(ସମିସ): ବାଲିଗୁଡ଼ା ବନଖଣ୍ଡ ବେଲଘର ବନାଞ୍ଚଳରେ ମୃତ ଦନ୍ତା ହାତୀର ଶବ ବ୍ୟବଚ୍ଛେଦ ଚାଲିଛି। ୪ ମାସ ମଧ୍ୟରେ ୩ ହାତୀଙ୍କ ମୃତ୍ୟୁ ବନବିଭାଗର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଡିସେମ୍ବର ୧୨, ଜାନୁଆରୀ ୫ ଏବଂ ଏପ୍ରିଲ୍୧୭ରେ ବେଲଘର ବନାଞ୍ଚଳର ଝିରିପାଣି ବନକ୍ଷେତ୍ରରେ ହିଁ ୩ ହାତୀଙ୍କ ମୃତ୍ୟୁ ହୋଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବାଲିଗୁଡ଼ା ବନଖଣ୍ଡ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ହାତୀଙ୍କ ଜୀବନ ଯାଉଥିବା ଅଭିଯୋଗ ହେଉଛି। ଏଭଳି ଘଟଣା ଦୁର୍ଭାଗ୍ୟଜନକ ବୋଲି ପରିବେଶବିତ ଗୌର ମାଝୀ କହିଛନ୍ତି। ହାତୀ ମୃତ୍ୟୁର ରହସ୍ୟ ଚପାଇବାକୁ ଉଦ୍ୟମ ହେଉଥିବା ମଧ୍ୟ ଅଭିଯୋଗ ହେଉଛି। ଏତେବର୍ଷ ଧରି ଏଭଳି କେବେ ହାତୀ ମରି ନଥିବା ବେଳେ ବର୍ତ୍ତମାନ ଏହିପରି ଲଗାତାର ଘଟଣା ଘଟୁଥିବାରୁ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ବୁଦ୍ଧିଜୀବୀ ଦାବି କରିଛନ୍ତି।

ଜାନୁଆରୀ ୫ରେ ହାତୀ ମୃତ୍ୟୁ ଏବଂ ଖଣ୍ଡ ଖଣ୍ଡ କରି ମୃତଦେହକୁ କାଟି ଅନ୍ୟତ୍ର ମାଟିତଳେ ପୋତିଦେବା ଘଟଣା ବର୍ତ୍ତମାନ ସୁଦ୍ଧା ଥମି ନଥିବା ବେଳେ ପୁଣି ଏକ ହାତୀମୃତ୍ୟୁ ଘଟଣା ରହସ୍ୟ ବଢ଼ାଉଛି। ହାତୀ ମୃତ୍ୟୁ ଘଟଣାକୁ ବିଭାଗୀୟ ଅଧିକାରୀ ସ୍ପଷ୍ଟ କରିଥିବା ବେଳେ ହାତୀଟି ଦୀର୍ଘଦିନ ଧରି ଅସୁସ୍ଥ ଥିଲା ଏବଂ ଉତ୍ତର କଳାହାଣ୍ଡି କେସିଙ୍ଗା ବନଖଣ୍ଡରେ ଚିକିତ୍ସିତ ହୋଇଥିଲା। କୌଣସି ମତେ ବେଲଘର ବନାଞ୍ଚଳ ଝିରିପାଣି ବନକ୍ଷେତ୍ରର ଶିମିଳିପଦର ଜଙ୍ଗଲକୁ ୬ ଦିନ ତଳେ ଆସିଥିଲା। ହେଲେ ବେଲଘର ବନ କର୍ମଚାରୀ ଖାମଖିଆଲି ଭାବେ ଅସୁସ୍ଥ ହାତୀର କୌଣସି ଚିକିତ୍ସା ନକରି ସେହିଭଳି ଜଙ୍ଗଲରେ ଛାଡ଼ି ଦେଇଥିଲେ। ଶେଷରେ ହାତୀର ମୃତ୍ୟୁ ହୋଇଥିଲା। ହାତୀ ଅସୁସ୍ଥ ଥିବା ଅବଗତ ଥିଲେ ମଧ୍ୟ ଗତିବିଧି ଉପରେ କୌଣସି ପ୍ରକାରର ନଜର ରଖାନଯିବା ବନ କର୍ମଚାରୀଙ୍କ ଅବହେଳାକୁ ଦର୍ଶାଉଛି ବୋଲି ମଧ୍ୟ କୁହାଯାଉଛି। ଶବ ବ୍ୟବଚ୍ଛେଦ ସ୍ଥଳରେ ବାଲିଗୁଡ଼ା ବନଖଣ୍ଡ ଅଧିକାରୀ ଘନଶ୍ୟାମ ମାହାନ୍ତ, ଏସିଏଫ ଓ ମନୋରଞ୍ଜନ ବାଗ, ରେଞ୍ଜର ରଜନୀକାନ୍ତ ମେହେର , ତୁମୁଡିବନ୍ଧ ପ୍ରାଣୀ ଚିକିତ୍ସକ ମାନସ ରଞ୍ଜନ ନାୟକ ଏବଂ ବେଲଘର ବନାଞ୍ଚଳର ସମସ୍ତ କର୍ମଚାରୀ ଉପସ୍ଥିତ ଅଛନ୍ତି। ବାରମ୍ବାର ଗଜରାଜ ମୃତ୍ୟୁ ହେଉଥିବାରୁ ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ଦାବି ହେଉଛି।

# କଳିଙ୍ଗା ଘାଟିରେ ଦୁର୍ଘଟଣା; ଯୁବକ ମୃତ

ଜି.ଉଦୟଗିରି,୧୮।୪(ସମିସ): ଜି.ଉଦୟଗିରି ବ୍ଲକ କଳିଙ୍ଗା ପଞ୍ଚାୟତ କଳିଙ୍ଗା ଘାଟି ଅନ୍ଧାରିକୋଟରେ ଦୁର୍ଘଟଣା ଘଟି ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ସମୀର କୁମାର ପ୍ରଧାନ(୨୫)। ତାଙ୍କ ଘର ରାଇକିଆ ବ୍ଲକ ଦିଗୀ ଅଞ୍ଚଳର ବୋଲି ସୂଚନା ମିଳିଛି। ଘଟଣା ସ୍ଥଳରେ ହିଁ ତାଙ୍କର ଯୁବକଙ୍କ ମୃତ୍ୟୁ ହୋଇଥିଲା। କଳିଙ୍ଗା ଘାଟି ଅନ୍ଧାରିକୋଟ ଦୁର୍ଘଟଣା ସ୍ଥଳରେ ଜି.ଉଦୟଗିରି ଥାନା ଭାରପ୍ରାପ୍ତ ଅଧିକାରୀ ବିଜୟ କୁମାର ସ୍ୱାଇଁ, ରବୀନ୍ଦ୍ର ସେଠୀ ଓ ରମେଶ ଚନ୍ଦ୍ର ବେହେରା ପହଞ୍ଚି ମୃତଦେହ ଜବତ କରି ଜି.ଉଦୟଗିରି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛନ୍ତି। କିଭଳି ଏବଂ କେଉଁ ପରିସ୍ଥିତିରେ ଦୁର୍ଘଟଣା ଘଟିଲା ସେ ନେଇ ପୁଲିସ ତଦନ୍ତ କରୁଛି।

■ ସିଏମ୍ ଟ୍ରଫି ଭଲିବଲ୍

# ରାଇକିଆ ଛାତ୍ରଛାତ୍ରୀଙ୍କ ସଫଳତା

ରାଇକିଆ,୧୮।୪(ସମିସ): କନ୍ଧମାଳ ଜିଲ୍ଲା ଆଥଲେଟିକ୍ସ ଆସୋସିଏସନ୍ ତରଫରୁ ଆୟୋଜିତ ୧୪ ବର୍ଷରୁ କମ୍ ସିଏମ୍ ଟ୍ରଫି ୨.୦ ଜିଲ୍ଲାସ୍ତରୀୟ ଭଲିବଲ୍ ଚାମ୍ପିଅନସିପର ଉଭୟ ବାଳକ ଓ ବାଳିକା ବିଭାଗରେ ରାଇକିଆ ଛାତ୍ରଛାତ୍ରୀ ସଫଳତା ଅର୍ଜନ କରିଛନ୍ତି। ବାଳିକା ବିଭାଗ ଫାଇନାଲରେ ରାଇକିଆ ସରକାରୀ ବାଳିକା ବିଦ୍ୟାଳୟ ଛାତ୍ରୀ କୋଟଗଡ଼ ସରକାରୀ ବାଳିକା ବିଦ୍ୟାଳୟକୁ ହରାଇ ଚାମ୍ପିଅନ୍ ହୋଇଥିବା ବେଳେ ବାଳକ ବିଭାଗରେ ରାଇକିଆ ବିଜୟ ହାଇସ୍କୁଲର ଛାତ୍ର ଆକର୍ଷଣୀୟ ପ୍ରଦର୍ଶନ କରି ଫାଇନାଲରେ ପହଞ୍ଚିଥିଲେ ମଧ୍ୟ କୋଟଗଡ ହାଇସ୍କୁଲ ଠାରୁ ପରାଜିତ ହୋଇଥିଲେ। ଏହି ଅବସରରେ ଜିଲ୍ଲା ଆଥଲେଟିକ୍ସ ଆସୋସିଏସନ୍ କନ୍ଧମାଳ ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିଲେ। ଜିଲ୍ଲା କ୍ରୀଡ଼ା ଶିକ୍ଷା ଅଧିକାରୀ କନ୍ଧମାଳ ସଞ୍ଜୟ କୁମାର ପଟପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶା ଭଲିବଲ୍ ଆସୋସିଏସନ୍, କଟକର ପକ୍ଷରୁ ବିଶ୍ୱଜିତ ଦାସ ମୁଖ୍ୟ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ। ବରିଷ୍ଠ ଶାରୀରିକ




ଶିକ୍ଷା ଶିକ୍ଷକ ରଙ୍କନିଧି ବେହେରା ମୁଖ୍ୟ ସଂଯୋଜକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ବୈଷୟିକ ସହଯୋଗୀ ଓ ମ୍ୟାଚ୍ ପରିଚାଳନାରେ କାର୍ତ୍ତିକ ନାୟକ, ରଶ୍ମିରଞ୍ଜନ ତ୍ରିପାଠୀ, ଗୌରଚନ୍ଦ୍ର ମହାନ୍ତି, ରୂପକ ମହାନ୍ତି, ଓମ୍ ନାରାୟଣ ମିଶ୍ର, ପ୍ରଶାନ୍ତ କୁମାର ବେହେରା, ଶ୍ରୀଚନ୍ଦ୍ର ପ୍ରଧାନ ଓ ରେଣୁବାଳା ପ୍ରଧାନ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର



ନୂଆଗଡ଼,୧୮।୪(ସମିସ): ନୂଆଗଡ଼ ପଞ୍ଚାୟତ ସମିତି ସଦ୍‌ଭାବନା ସଭାଗୃହରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା ଏବଂ ସମଗ୍ର ଶିକ୍ଷାର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅଧ୍ୟକ୍ଷତା କରିଥିଲେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋକନାଥ ଶବର। ଜିଲ୍ଲା ସାମାଜିକ ସମୀକ୍ଷା ଅଧିକାରୀ ବାବୁଲା ବିଶୋଇ, ସହକାରୀ ନିର୍ବାହୀଯନ୍ତ୍ରୀ ପ୍ରଦ୍ୟୁମ୍ନ କୁମାର ଦାସ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଦିକନ୍ଦ ଗମାଙ୍ଗ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲିଙ୍ଗରାଜ କାର୍ଜି, ବ୍ଲକ ଅଧ୍ୟକ୍ଷା ମାଳତୀ ପ୍ରଧାନ, ଉପାଧ୍ୟକ୍ଷ ନିହିମିୟା ରାଇତ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶଶାଙ୍କ ସୁବୁଦ୍ଧି ଯୋଗ ଦେଇଥିଲେ।

ପ୍ରଥମେ ବିଗତ ବର୍ଷର ବିବରଣୀ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ଦିଲୀପ କୁମାର ଦାସ ପଠନ କରିଥିଲେ। ଜିଲ୍ଲା ସାମାଜିକ ସମୀକ୍ଷା ଅଧିକାରୀ କହିବା ଅନୁସାରେ ସାମାଜିକ ସମୀକ୍ଷକ ୧୯ ପଞ୍ଚାୟତର ମନରେଗା କାର୍ଯ୍ୟର ଏବଂ ୩୨ ବିଦ୍ୟାଳୟର ସାମାଜିକ ସମୀକ୍ଷା କରିସାରିଥିବା ବେଳେ ଲୁହାଗାଁର, ନୂଆଗଡ଼, ଟାଙ୍ଗିଲି ଓ ଉଦୟପୁର ପଞ୍ଚାୟତର ସର୍ବମୋଟ ମନରେଗା ସମୀକ୍ଷା ରିପୋର୍ଟ ମଧ୍ୟରୁ ୧୦ରୁ ଉର୍ଦ୍ଧ୍ୱ ସମୀକ୍ଷା ରିପୋର୍ଟ ହସ୍ତାନ୍ତର କରିନଥିଲେ। ସେହିଭଳି ଜଙ୍ଗଲ ବିଭାଗ ଏବଂ କୃଷି ଉଦ୍ୟାନ ବିଭାଗ ସମୀକ୍ଷା ସମୟରେ ଦସ୍ତାବିଜ ଦେଖାଇନାହାନ୍ତି। ତେଣୁ ୭ଦିନ ମଧ୍ୟରେ ରିପୋର୍ଟ ଦେବାକୁ କୁହାଯାଇଛି। ଏଥିସହ ୩୨ ବିଦ୍ୟାଳୟର ସାମାଜିକ ସମୀକ୍ଷା ହୋଇଥିଲା। ସେଥିମଧ୍ୟରୁ ୧୦ ବିଦ୍ୟାଳୟର ସମୀକ୍ଷା ରିପୋର୍ଟ ହସ୍ତାନ୍ତର ହୋଇଥିବା ବେଳେ ୨୨ ବିଦ୍ୟାଳୟର ସମୀକ୍ଷା ରିପୋର୍ଟ ହସ୍ତାନ୍ତର ହୋଇନଥିବାରୁ ବିରକ୍ତ ପ୍ରକାଶ କରିଥିଲେ ଜିଲ୍ଲା ସାମାଜିକ ସମୀକ୍ଷକ ଅଧିକାରୀ। ସମୀକ୍ଷା ରିପୋର୍ଟ ହସ୍ତାନ୍ତର ହୋଇନ ଥିବା ବିଦ୍ୟାଳୟର ପୁନର୍ବାର ସମୀକ୍ଷା କରିବାକୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ କହିଥିଲେ। ସମଗ୍ର ଶିକ୍ଷାର ପ୍ରାୟ ବିଦ୍ୟାଳୟରେ ପାନୀୟ ଜଳ, ଶୌଚାଳୟ ନଥିବାରୁ ଖବର ପ୍ରକାଶ କରିଥିଲେ। ପିଏମ ପୋଷଣର ଦସ୍ତାବିଜ ଠିକ ହୋଇନଥିବାରୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ସମସ୍ତ ପ୍ରଧାନଶିକ୍ଷକଙ୍କୁ ଠିକ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜଙ୍ଗଲ, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, କୃଷି ବିଭାଗ ସମସ୍ତ ପିଆରଆଇ ମେମ୍ବର, କନିଷ୍ଠ ଯନ୍ତ୍ରୀ, ପିଇଓ, ଜିଆରଏସ୍, ଭିଆରପି, ଗାଁସାଥି ଓ ଜନସାଧାରଣ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ଦିଲୀପ କୁମାର ଦାସ ପରିଚାଳନା

# ଜନଗହଳିପୂର୍ଣ୍ଣ ରାସ୍ତାରେ ବିପଦସଂକୁଳ ବିଦ୍ୟୁତ୍ ଖୁଣ୍ଟ

ଜି.ଉଦୟଗିରି,୧୮।୪(ସମିସ): ଜି.ଉଦୟଗିରର ଜନଗହଳିପୂର୍ଣ୍ଣ ତିନିକୋଣିଆ ଛକ ମୁଖ୍ୟରାସ୍ତା ପାଶ୍ୱର୍ରେ ଥିବା ଏକ ବିଦ୍ୟୁତ ଖୁଣ୍ଟ ବିପଦସଂକୁଳ ଅବସ୍ଥାରେ ଝୁଲି ରହିଛି। ସେହି ରାସ୍ତାରେ ନିୟମିତ ଶତାଧିକ ଲୋକ ଯିବାଆସିବା କରୁଛନ୍ତି। ଉକ୍ତ ବ୍ୟସ୍ତବହୁଳ ଗୁରୁତ୍ୱପୂର୍ଣ୍ଣ ରାସ୍ତାଟି ଏନ୍ଏସି ଅଫିସ, ଷ୍ଟେଟ ବ୍ୟାଙ୍କ, ହବାକ ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ, ମହିଳା ମହା ବିଦ୍ୟାଳୟ, ଇଲେକ୍ଟ୍ରି ଅଫିସ, ଫରେଷ୍ଟ ଟ୍ରେନିଂ ସ୍କୁଲ ଭଳି ବିଭିନ୍ନ ମୁଖ୍ୟ କାର୍ଯ୍ୟାଳୟକୁ ସଂଯୋଗ କରୁଛି। ବିଦ୍ୟୁତ ଖୁଣ୍ଟର ଏଭଳି ଅବସ୍ଥା ଦେଖି ଉକ୍ତ ରାସ୍ତା ପାଶ୍ୱର୍ ଦେଇ ଲୋକେ ଯିବା ଆସିବା କରିବାକୁ ଭୟ କରୁଛନ୍ତି। କେତେବେଳେ ବିଦ୍ୟୁତ ଖୁଣ୍ଟ ରାସ୍ତା ଉପରେ ପଡ଼ିବ କି କାହା ଉପରେ ପଡ଼ିବ କିଛି କହିହେବନି। ତୁରନ୍ତ ଏହାକୁ ବଦଳାଇବାକୁ ପ୍ରଶାସନକୁ ଦାବି କରିଛନ୍ତି ସ୍ଥାନୀୟ ଅଞ୍ଚଳବାସୀ।



# ଅସଦାଚରଣ ନିରାକରଣ ଆଇନ ସଚେତନତା




ପାରଳାଖେମୁଣ୍ଡି,୧୮।୪(ସମିସ): ଗୁମ୍ମା ବ୍ଲକ ସେରଙ୍ଗ ଥାନା ଭୁବନୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲାଜଜ୍ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ବିମଳ ରାଉଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଶ୍ରୀ ରାଉଳ ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତରେ ସୁନାଗରିକ ହୋଇ କିପରି ନାଁ ରଖିବେ ତଥା ଅନ୍ୟ ସାଙ୍ଗସାଥିଙ୍କୁ ବିଦ୍ୟାଳୟରେ ପଢ଼ିବା ନିମନ୍ତେ ପ୍ରୋତ୍ସାହିତ କରିବେ ସେ ନେଇ ସଚେତନ କରିବା ସହ ବିଭିନ୍ନ ଆଇନକାନୁନ ବିଷୟରେ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର, ସାଇବର କ୍ରାଇମ ତଥା ସେରଙ୍ଗ ଥାନା ଅଧିକାରୀ କମଳା ଚୌଧୁରୀ ବାଲ୍ୟ ବିବାହ ତଥା ଅସଦାଚରଣ ରୋକିବା ନେଇ ରହିଥିବା ବିଭିନ୍ନ ଆଇନ ଉପରେ ସମସ୍ତଙ୍କୁ ସୂଚନା ଦେଇଥିଲେ। ସେହିପରି ପାରଳାଖେମୁଣ୍ଡି ଓକିଲ ସଂଘର ପୂର୍ବତନ ସଭାପତି ଜିତେନ୍ଦ୍ର ପଟ୍ଟନାୟକ ପଟ୍ଟନାୟକ ବିଦ୍ୟାର୍ଥୀଙ୍କୁ ଜୀବନର ଲକ୍ଷ୍ୟ ଉପରେ ଉଦ୍‌ବୋଧନ ଦେଇଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଓକିଲ ମମତା ଦେବୀ ଓ ଗୁମ୍ମା ବ୍ଲକ ଶିକ୍ଷା ଅଧିକାରୀ ନାରାୟଣ ରଞ୍ଜନ ମଣ୍ଡଳ ବିଭିନ୍ନ ଆଇନ ବିଷୟରେ ପିଲାଙ୍କୁ ସଚେତନ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭି. ଉମାକାନ୍ତ ଧନ୍ୟବାଦ ଜ୍ଞାପନ କରିଥିଲେ। ପାରା ଲିଗାଲ ଭଲ୍ୟୁଣ୍ଟର ଶଶୀରେଖା ବିଷୋୟୀ, ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମଚାରୀ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମିଳିତ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ଫିରିଙ୍ଗିଆରେ ଅଗ୍ନି ସୁରକ୍ଷା ସପ୍ତାହ

ଫିରିଙ୍ଗିଆ,୧୮।୪(ସମିସ): ଫିରିଙ୍ଗିଆ ଅଗ୍ନିଶମ ବାହିନୀ ପକ୍ଷରୁ ଅଗ୍ନି ସୁରକ୍ଷା ସପ୍ତାହ ଅବସରରେ ନିଆଁ ଦାଉରୁ ସତର୍କତା ଅବଲମ୍ବନ ପାଇଁ ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଗ୍ୟାସ ଗୋଦାମ, ସ୍ଥାନୀୟ ପେଟ୍ରୋଲ ଟାଙ୍କି ଭଳି ବିଭିନ୍ନ ସ୍ଥାନରେ ସଚେତନତା କରାଯାଇଥିଲା। ବିଭିନ୍ନ ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କୁ ନିଆଁକୁ ଆୟତ୍ତ କରିବା, ଗ୍ୟାସରୁ ନିଆଁ ଲିଭାଇବା କୋ÷ଶଳ ପ୍ରଦର୍ଶନ କରି ସଚେତନ କରାଯାଇଥିଲା। ଫିରିଙ୍ଗିଆ ଅଗ୍ନିଶମ ଅଧିକାରୀ ଟାର୍ଜନ ନାୟକଙ୍କ ତତ୍ତ୍ୱାବଧାନ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅଗ୍ନିକ ସରୋଜ କୁମାର ମହାପାତ୍ର, ଅଗ୍ନିକ ଦିଲୀପ କୁମାର ମହାରଣା, ଚିତ୍ତରଞ୍ଜନ ବେହେରା, ପ୍ରମୋଦ କୁମାର ବେହେରା ସଚେତନ କରିଥିଲେ। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଅଗ୍ନି ସୁରକ୍ଷା ସପ୍ତାହ ଚାଲିବାକୁ ଥିବାବେଳେ ଫିରିଙ୍ଗିଆ ବ୍ଲକର ବିଭିନ୍ନ ଅନୁଷ୍ଠାନରେ ସଚେତନତା କାର୍ଯ୍ୟକ୍ରମ ଜାରି ରହିବ ବୋଲି ଅଗ୍ନିଶମ ଅଧିକାରୀ ଶ୍ରୀ ନାୟକ ସୂଚନା ଦେଇଛନ୍ତି।



# କାଳବୈଶାଖୀର ତାଣ୍ଡବ; ଗଛ ପଡ଼ି ରାସ୍ତା ଅବରୋଧ

ଫିରିଙ୍ଗିଆ,୧୮।୪(ସମିସ): ଫିରିଙ୍ଗିଆ ବ୍ଲକର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବ ତାଣ୍ଡବ ରଚିଛି। ପ୍ରବଳ ପବନ, ବର୍ଷା ସାଙ୍ଗକୁ କୁଆପଥର ବର୍ଷାରେ ବହୁ କ୍ଷୟକ୍ଷତି ହୋଇଛି। ପରିବା ଚାଷ, ଘର ଚାଳ ସହ ବିଭିନ୍ନ ଜିନିଷ ନଷ୍ଟ ହୋଇଛି। ରତଙ୍ଗ ପଞ୍ଚାୟତର ଫୁଲବାଣୀ ବାଲିଗୁଡା ମୁଖ୍ୟ ରାସ୍ତା ରତଙ୍ଗ ପଞ୍ଚାୟତ ଗେଟ୍ ପାଖରେ ବିରାଟ ଆମ୍ବ ଗଛ ପଡ଼ିଯିବାରୁ ଦୀର୍ଘସମୟ ଧରି ରାସ୍ତା ଅବରୋଧ ହୋଇଛି। ସେହିଭଳି ପବିଙ୍ଗିଆ ନିକଟରେ ମଧ୍ୟ ରାସ୍ତା ଉପରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଛି। ଘଟଣାସ୍ଥଳରେ ଫିରିଙ୍ଗିଆ ଦମକଳ ବାହିନୀ ପହଞ୍ଚି ଦୀର୍ଘ ସମୟ ଧରି ଅକ୍ଳାନ୍ତ ପରିଶ୍ରମ କରି ରାସ୍ତା ଉପରୁ ଗଛ କାଟି ସଫା କରିବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା। ଅଗ୍ନିଶମ ଅଧିକାରୀ ଟାର୍ଜନ ନାୟକଙ୍କ ସହ ମୁଖ୍ୟଅଗ୍ନିକ ସରୋଜ କୁମାର ମହାପାତ୍ର, ଅଗ୍ନିକ ଦିଲୀପ କୁମାର ମହାରଣା, ଚିତ୍ତ ରଞ୍ଜନ ବେହେରା, ପ୍ରମୋଦ କୁମାର ବେହେରାଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ। ରାସ୍ତା ଉପରେ ଦୀର୍ଘ ସମୟ ଧରି ଗଛ ପଡ଼ିରହିବା ଯୋଗୁଁ ରାସ୍ତାର ଉଭୟ ପାଶ୍ୱର୍ରେ ଶତାଧିକ ଗାଡ଼ି ଅଟକି ରହିଥିଲା।




# ନାବାଳିକା ଗର୍ଭଧାରଣ ଓ ଯୌନ ନିର୍ଯାତନା ସଚେତନତା




ଫିରିଙ୍ଗିଆ,୧୮।୪(ସମିସ): ଫିରିଙ୍ଗିଆ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ନାବାଳିକା ଗର୍ଭଧାରଣ ଓ ଯୌନ ନିର୍ଯାତନା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସରୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଅଧିକାରୀ ଅଭିରାମ କହଁର ଏବଂ ସୁନୀଲ କୁମାର ପ୍ରଧାନ ନାବାଳିକା ଯୌନ ନିର୍ଯାତନା ଓ ଗର୍ଭ ଧାରଣ ବିଷୟରେ ସଚେତନତା ବାର୍ତ୍ତା ରଖିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଫିରିଙ୍ଗିଆ ଥାନାରେ କାର୍ଯ୍ୟରତ ଅତିରିକ୍ତ ଥାନା ଅଧିକାରୀ ଅଜୟ କୁମାର ସାହୁ ଏବଂ ଏସଆଇ ଦିବ୍ୟଜ୍ୟୋତି ସାମଲ ନାବାଳିକା ଯୌନ ନିର୍ଯାତନାକୁ ନେଇ ଆଇନ କ'ଣ ରହିଛି କହିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରୀ ଉପସ୍ଥିତ ଥିଲେ। ଅନୁରୂପ ଭାବରେ ଫିରିଙ୍ଗିଆ ନେଡିପଦରରେ ଥିବା ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ପିଏମଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ରଞ୍ଜନ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଛାତ୍ରୀ ଉପସ୍ଥିତ ଥିଲେ।

